Bhubaneswar- 1 June 2026
ଭୁବନେଶ୍ୱର- ୧ ଜୁନ୍ ୨୦୨୬
Vol- 1 Issue - 36
ଭାଗ- ୧ ସଂଖ୍ୟା- ୩୬
www.pratishabda.com
Email : pratishabda7@gmail.com
Also Available In : YouTube

# ପ୍ରତିଶବ୍ଦ
THE PRATISHABDA




# ପୁଣି ଆଇପିଏଲ୍ ଟ୍ରଫି ହାତେଇଲା ବେଙ୍ଗାଲୁରୁ

## ଗୁଜରାଟକୁ ପରାସ୍ତ କରି ହେଲା ଚାମ୍ପିଅନ୍



**ଅହମଦାବାଦ:** ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ୨୦୨୬ର ଯାତ୍ରା ଆଜି ଶେଷ ହୋଇଛି। ଗତ ମାର୍ଚ୍ଚ ୨୮ ତାରିଖରୁ ଆରମ୍ଭ ହୋଇଥିବା ଏହି ଯାତ୍ରାର ଯବନିକା ଅହମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ପଡ଼ିଛି, ଯେଉଁଠି ଗୁଜରାଟ ଟାଇଟନ୍ସକୁ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ପରାସ୍ତ କରି ଚାମ୍ପିଅନ ହୋଇଛି। ୧,୩୨,୦୦୦ରୁ ଅଧିକ ଦର୍ଶକ, କ୍ରୀଡ଼ାପ୍ରେମୀ, ପ୍ରଶଂସକ, କଳାକାରଙ୍କ ଉପସ୍ଥିତିରେ ବେଙ୍ଗାଲୁରୁ ଆଜି ଉଭୟ ବୋଲିଂ ଏବଂ ବ୍ୟାଟିଂ କ୍ଷେତ୍ରରେ ପ୍ରଶଂସନୀୟ ପ୍ରଦର୍ଶନ କରି ଫାଇନାଲ ମ୍ୟାଚ୍ ଜିତିବା ସହିତ ଚାମ୍ପିଅନ ହୋଇଛି। ଏଥି ସହିତ ବେଙ୍ଗାଲୁରୁ କ୍ରମାଗତ ଦ୍ୱିତୀୟ ଥର ଆଇପିଏଲ୍ ଟ୍ରଫି ହାତେଇବାର ସୌଭାଗ୍ୟ ଅର୍ଜନ କରିଛି। ବେଙ୍ଗାଲୁରୁ ଟିମ୍ ୨୦୨୫ରେ ମଧ୍ୟ ଚାମ୍ପିଅନ ହୋଇଥିଲା। ବେଙ୍ଗାଲୁରୁ ଟିମ୍ ୧୫୬ ରନ୍ ?ର ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିଲା। ଦଳ ୧୮ଓଭରରେ ୫ ୱିକେଟ୍ ହରାଇ ୧୬୧ ରନ୍ କରିଛି। ବେଙ୍ଗାଲୁରୁ ପାଇଁ ବିରାଟ କୋହଲି ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିଥିଲେ। ସେ ୪୨ଟି ବଲ୍ ଖେଳି ଅପରାଜିତ ୭୫ ରନ୍ କରିଥିଲେ, ଯେଉଁଥିରେ ୯ଟି ଚୌକା ଏବଂ ୩ଟି ଛକା ସାମିଲ ଥିଲା। ଜିତେଶ ଶର୍ମା ଅପରାଜିତ ୧୧ ରନ୍ କରିଥିଲେ। ପ୍ରାରମ୍ଭିକ ବ୍ୟାଟର ଭେଙ୍କଟେଶ ଆୟରଙ୍କ ସହିତ ବିରାଟ କୋହଲି ପ୍ରଥମ ୱିକେଟ୍ ପାଇଁ ୬୨ ରନ୍‌ର ଭାଗିଦାରୀ କରିଥିଲେ। ଏଥିରୁ ଆୟରଙ୍କ ବ୍ୟକ୍ତିଗତ ସ୍କୋର ୩୨ ରନ୍ ଥିଲା। ସେ ୪ଟି ଚୌକା ଏବଂ ୨ଟି ଛକା ମାରିଥିଲେ। ଅଧିନାୟକ ରଜତ ପାଟିଦାର ୧୩ଟି ବଲ୍ ଖେଳି ଗୋଟିଏ ଚୌକା ଏବଂ ଗୋଟିଏ ଛକା ମାରିଥିଲେ। ଦେବଦୂତ ପାଡ଼ିକଲ ଏବଂ କ୍ରୁଣାଳ ପାଣ୍ଡ୍ୟା ୧-୧ ରନ୍ କରି ଆଉଟ୍ ହୋଇଥିଲେ। ଦଳର ଅନ୍ୟ ଖେଳାଳି ଟିମ୍ ଡେଭିଡ (୨୦ ରନ୍) ମଧ୍ୟ ବିସ୍ଫୋରକ ବ୍ୟାଟିଂ କରିଥିଲେ। ଫାଇନାଲ ମ୍ୟାଚ୍‌ରେ ଟସ୍ ଜିଣି ବେଙ୍ଗାଲୁରୁ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଫଳରେ ଗୁଜରାଟ ବ୍ୟାଟିଂ କରିଥିଲା। ଘରୋଇ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୮ଟି ୱିକେଟ୍ ହରାଇ ୧୫୫ ରନ୍ କରିଥିଲା। ଗୁଜୁରାଟର ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ଦେଖାଯାଇଥିଲା। ସ୍କୋର ୨୨ ରନ୍‌ରେ ଦଳ ଶୁଭମନ ଗିଲ ଏବଂ ୨୬ ରନ୍‌ରେ ସାଈ ସୁଦର୍ଶନଙ୍କୁ ହରାଇଥିଲା। ଗିଲ ବ୍ୟକ୍ତିଗତ ଭାବେ ୧୦ ରନ୍ ଏବଂ ସୁଦର୍ଶନ ୧୨ ରନ୍ କରିଥିଲେ। ନିଶାନ୍ତ ସିନ୍ଧୁଙ୍କ ବ୍ୟାଟରୁ ୨୦ ରନ୍ ଏବଂ ଜୋସ ବଟଲରଙ୍କ ବ୍ୟାଟରୁ ୧୯ ରନ୍ ଅମଳ ହୋଇଥିଲା। ଅର୍ଶଦ ଖାନ ୧୫ ରନ୍ କରିଥିଲେ। ରାହୁଲ ତେୱାଟିଆ, ଜେସନ ହୋଲ୍ଡର ଏବଂ ରସିଦ ଖାନ ପ୍ରତ୍ୟେକ ୭ ରନ୍ ଲେଖାଏଁ ସଂଗ୍ରହ କରିଥିଲେ। ଗୁଜରାଟ ପାଇଁ ଏକମାତ୍ର ଖେଳାଳି ୱାସିଂଟନ ସୁନ୍ଦର ଦୀର୍ଘ ସମୟ ପର୍ଯ୍ୟନ୍ତ ପଡ଼ିଆରେ ରହିପାରିଥିଲେ। ଜଣେ ପରେ ଜଣେ ଖେଳାଳି ପାଭିଲିଅନ ଫେରିଯାଉଥିବା ବେଳେ ୱାସିଂଟନ ସୁନ୍ଦର ବରଗଛ ଭଳି ଛିଡ଼ା ହୋଇଥିଲେ। ସେ ନିଜର ଧୌର୍ଯ୍ୟ ପାଇଁ ଅର୍ଦ୍ଧଶତକ ହାସଲ କରିଥିଲେ। ୱାସିଂଟନ ସୁନ୍ଦର ୩୭ଟି ବଲ୍ ଖେଳି ୫ଟି ଚୌକା ସହାୟତାରେ ୫୦ ରନ୍ କରିଥିଲେ। ବେଙ୍ଗାଲୁରୁ ପାଇଁ ରସିକ ସାଲମ ଡାର ସର୍ବଶ୍ରେଷ୍ଠ ବୋଲିଂ କରିଥିଲେ। ୪ ଓଭର ବୋଲିଂ କରି ୨୭ ରନ୍ ଖର୍ଚ୍ଚ କରିଥିଲା ବେଳେ ୩ଟି ୱିକେଟ୍ ଅକ୍ତିଆର କରିଥିଲେ। ଭୁବନେଶ୍ୱର କୁମାର ଏବଂ ଜୋସ ହେଜଲଉଡ ୨-୨ ୱିକେଟ୍ ନେଇଥିଲେ। କ୍ରୁଣାଳ ପାଣ୍ଡ୍ୟାଙ୍କୁ ଗୋଟିଏ ୱିକେଟ୍ ମିଳିଥିଲା।

## ଓଡ଼ିଶା ଉପରେ ଟ୍ରାପ୍ ଲାଇନ୍

# କୁଆପଥର ବର୍ଷା ସହ ବଜ୍ରପାତ ସମ୍ଭାବନା

■ କନ୍ଧମାଳ ଓ ଗଜପତି ଜିଲ୍ଲାକୁ ରେଡ୍ ୱାର୍ଣ୍ଣିଂ



**ଭୁବନେଶ୍ୱର:** ଓଡ଼ିଶା ଉପରେ ଟ୍ରାପ୍ ଲାଇନ୍। ଯାହକି ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗର ମୁହାଁ ହୋଇଯାଉଛି । ଏହା ପ୍ରଭାବରେ ଆସନ୍ତା ୨୪ ଘଂଟାରେ ପ୍ରବଳ ବର୍ଷା ସହ ବିଜୁଳି ଘଡ଼ଘଡ଼ି ସହ ବର୍ଷା ସମ୍ଭାବନା ରହିଛି। ଘଣ୍ଟା ପ୍ରତି ପବନର ବେଗ ୬୦-୭୦ କିଲୋମିଟର ଯାଏଁ ବହିବା ସହ କୁଆ ପଥର ବର୍ଷା ମଧ୍ୟ ହୋଇପାରେ ବୋଲି ପୂର୍ବାନୁମାନ କରିଛି ପାଣିପାଗ କେନ୍ଦ୍ର । ଏନେଇ ଉତ୍ତର ଓ ଦକ୍ଷିଣ ଓଡ଼ିଶା ପାଇଁ ରେଡ୍ ୱାର୍ଣ୍ଣିଂ ଜାରୀ କଲା ପାଣିପାଗ କେନ୍ଦ୍ର । ବିଶେଷ ପ୍ରଭାବିତ ହେବ କନ୍ଧମାଳ ଓ ଗଜପତି ଜିଲ୍ଲା । ସେହିପରି ବାଲେଶ୍ୱର ,ମୟୂରଭଞ୍ଜ, କେଉଁଝର, କଳାହାଣ୍ଡି, ନବରଙ୍ଗପୁର, ରାୟଗଡ଼ା, ଗଞ୍ଜାମ ଓ ନୟାଗଡ଼ ଜିଲ୍ଲାରେ ମଧ୍ୟ କାଳବୈଶାଖୀ ପ୍ରକୋପ ରହିବ। ଘଣ୍ଟା ପ୍ରତି ପବନର ବେଗ ୫୦-୬୦ କିଲୋମିଟର ଯାଏଁ ରହିବ। ସେହିପରି ମୟୂରଭଞ୍ଜ, କେଉଁଝର ଓ ବାଲେଶ୍ୱରରେ କୁଆପଥର ବର୍ଷା ହେବ। ଏନେଇ ଅରେଞ୍ଜ ୱାର୍ଣ୍ଣିଂ ଜାରୀ କରିଛି ପାଣିପାଗ କେନ୍ଦ୍ର। ସେହିପରି ୧୬ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରୀ କରିଛି ବିଭାଗ। ଜିଲ୍ଲା ଗୁଡ଼ିକ ହେଲା, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ସୁନ୍ଦରଗଡ଼, ବରଗଡ଼, ଅନୁଗୁଳ, ଢ଼େଙ୍କାନାଳ, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, କୋରାପୁଟ, ମାଲକାନଗିରି, ପୁରୀ ଓ ଖୋର୍ଦ୍ଧା ଜିଲ୍ଲା। ଆସନ୍ତା ୫ ତାରିଖ ଯାଏଁ କାଳବୈଶାଖୀ ସତର୍କ ସୂଚନା ଦେଇଛି ପାଣିପାଗବିଭାଗ। ସେପଟେ ପାଣିପାଗ ବିଶେଷଜ୍ଞ କହିଛନ୍ତୀ ବାୟୁମଣ୍ଡଳର ଉପରି ଭାଗରେ ଯଥେଷ୍ଟ ଜଳୀୟବାଷ୍ପ ନାହିଁ। ତେଣୁ ବିଶେଷ କାଳବୈଶାଖୀ ବର୍ଷା ସଂଭାବନା କମ୍। ଆସନ୍ତା ୭ ତାରିଖ ଯାଏଁ ତାପମାତ୍ରା ୪୦ ଭିତରେ ରହିବ ବୋଲି ଆକଳନ କରିଛନ୍ତି । ସେପଟେ ୨୦ ପୂର୍ବରୁ ମୌସମୀର ଆଗମନ ନାହିଁ ବୋଲି କହିଛନ୍ତି।

# ଜେନେରାଲ ଏନ୍ଏସ୍ ରାଜା ସୁବ୍ରମଣି ଦେଶର ନୂଆ ସିଡିଏସ୍

## ସେନାକୁ ଆତ୍ମନିର୍ଭରଶୀଳ ଓ ଆଧୁନିକ କରିବାକୁ ଗୁରୁତ୍ୱ



**ନୂଆଦିଲ୍ଲୀ :** ଦେଶକୁ ମିଳିଲା ନୂଆ ସିଡିଏସ୍ । ତୃତୀୟ ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ ଭାବେ ଦାୟିତ୍ୱ ନେଇଛନ୍ତି ଏନଏସ୍ ରାଜା ସୁବ୍ରମଣି । ତିନି ସଶସ୍ତ୍ର ବାହିନୀ ପକ୍ଷରୁ ତାଙ୍କୁ ଗାର୍ଡ ଅଫ ଅନର ଦିଆଯାଇଛି । ପ୍ରଥମ ସିଡିଏସ ବିପିନ ରାୱତ, ଦ୍ୱିତୀୟ ଚିଫ୍ ଅଫ୍ ଡିଫେନ୍ସ ଷ୍ଟାପ ଅନୀଲ ଚୌହାନଙ୍କ ପରେ ଦେଶର ତୃତୀୟ ସିଡିଏସ ହୋଇଛନ୍ତି ରାଜା ସୁବ୍ରମଣି । ଶନିବାର ଅବସର ନେଇଥିଲେ ଅନୀଲ ଚୌହାନ । ଦାୟିତ୍ୱ ଗ୍ରହଣ କରି ସେନା ଏବଂ ସ୍ୱଦେଶୀ ଅସ୍ତ୍ରଶସ୍ତ୍ରର ସମନ୍ୱୟ ଉପରେ ଧ୍ୟାନ ଦେବେ ବୋଲି କହିଛନ୍ତି ନୂଆ ସିଡିଏସ୍ ସୁବ୍ରମଣି । ଦାୟିତ୍ୱ ଗ୍ରହଣ କରି ନୂଆ ସିଡିଏସ କହିଛନ୍ତି, ସାଂଗଠନିକ ସଂସ୍କାର ଏବଂ ସଶସ୍ତ୍ର ବାହିନୀର ରୂପାନ୍ତର ଏବଂ ତ୍ରିସେବା ମଧ୍ୟରେ ଗଭୀର ସମନ୍ୱୟ ତାଙ୍କର ପ୍ରାଥମିକତା ମଧ୍ୟରେ ରହିବ । ଆମେ ସଶସ୍ତ୍ର ବାହିନୀରେ ସ୍ୱଦେଶ ଅସ୍ତ୍ରଶସ୍ତ୍ରର ବିକାଶ ଏବଂ ତିନୋଟି ସେବାର ସମନ୍ୱୟ ଉପରେ ଦ୍ରୁତ ଗତିରେ କାମ କରିବୁ। ଆମର ସଶସ୍ତ୍ର ବାହିନୀ ଜାତୀୟ ସ୍ୱାର୍ଥର ସୁରକ୍ଷାରେ ନିରନ୍ତର ବୃତ୍ତିଗତତା ଏବଂ ନିର୍ଣ୍ଣାୟକତା ପ୍ରଦର୍ଶନ କରିଛି । ଆମେ ଭାରତର ସାର୍ବଭୌମତ୍ୱ ବଜାୟ ରଖିବା ଏବଂ ଏହାର କ୍ଷେତ୍ରୀୟ ଅଖଣ୍ଡତାକୁ ରକ୍ଷା କରିବା ପାଇଁ ପ୍ରତିବଦ୍ଧ । 'ମୁଁ ଭାରତର ନାଗରିକମାନଙ୍କୁ ଆଶ୍ୱସ୍ତ କରିବାକୁ ଚାହୁଁଛି ଯେ, ସଶସ୍ତ୍ର ବାହିନୀ ସମର୍ପଣ, ସାହସ, ସମ୍ମାନ ଏବଂ ବୃତ୍ତିଗତତାର ସହିତ ରାଷ୍ଟ୍ରର ସେବା ଜାରି ରଖିବ।' ୪୦ ବର୍ଷରୁ ଅଧିକ ସମୟ ଧରି କାର୍ଯ୍ୟ କରିଥିବା ଜେନେରାଲ ସୁବ୍ରମଣି ବିଭିନ୍ନ ଭୂଖଣ୍ଡରେ କାର୍ଯ୍ୟ କରିଛନ୍ତି । ବିଭିନ୍ନ କମାଣ୍ଡ, ଷ୍ଟାଫ୍ ଏବଂ ତାଲିମ ନିଯୁକ୍ତି ଗ୍ରହଣ କରିଛନ୍ତି । ଜେନେରାଲ ସୁବ୍ରମଣି ଜୁଲାଇ ୧ , ୨୦୨୪ ରୁ ୩୧ ଜୁଲାଇ, ୨୦୨୫ ପର୍ଯ୍ୟନ୍ତ ସେନାର ଉପାଧ୍ୟକ୍ଷ ଭାବରେ ଏବଂ ୨୦୨୩ ମାର୍ଚ୍ଚ ରୁ ୨୦୨୪ ଜୁନ୍ ପର୍ଯ୍ୟନ୍ତ କେନ୍ଦ୍ରୀୟ କମାଣ୍ଡର ଜେନେରାଲ ଅଫିସର କମାଣ୍ଡିଂ-ଇନ୍-ଚିଫ୍ ଭାବରେ କାର୍ଯ୍ୟ କରିଛନ୍ତି । ତାଙ୍କର ଉଲ୍ଲେଖ୍ୟନୀୟ କାର୍ଯ୍ୟ ପାଇଁ ସେବା ମେଡାଲ ପରବ ବିଶିଷ୍ଟ, ଅତି ବିଶିଷ୍ଟ ସେବା ମେଡାଲ, ସେନା ମେଡାଲ ଏବଂ ବିଶିଷ୍ଟ ସେବା ମେଡାଲରେ ସମ୍ମାନିତ କରାଯାଇଛି ।

## ମନ୍ କି ବାତରେ ପ୍ରଧାନମନ୍ତ୍ରୀଙ୍କ ସମ୍ବୋଧନ

# ଓଡ଼ିଶାର ବେଲପଣା-ସୁବର୍ଣ୍ଣରେଖା ଆମ୍ବକୁ ପ୍ରଶଂସା



**ନୂଆଦିଲ୍ଲୀ:** ୧୩୪ ତମ ମନ୍ କି ବାତ୍‌ରେ ସମ୍ବୋଧନ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ମନ୍ କି ବାତ୍ କାର୍ଯ୍ୟକ୍ରମରେ ସମ୍ବୋଧନ କରିଛନ୍ତି ପ୍ରଧାନମନ୍ତ୍ରୀ ମୋଦି । ଓଡ଼ିଶାର ବେଲପଣା କଥା କହିଛନ୍ତି ପ୍ରଧାନମନ୍ତ୍ରୀ । ଏହା ସହିତ ଓଡ଼ିଶାର ସୁବର୍ଣ୍ଣରେଖା ଆମ୍ବ କଥା ବି କହିଛନ୍ତି ।ଗ୍ରୀଷ୍ମ ପ୍ରବାହକୁ ନେଇ ସତର୍କ ରହିବାକୁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ପେଟକୁ ଥଣ୍ଡା ରଖୁଥିବା ବେଲପଣା ପିଇବାକୁ ପରାମର୍ଶ ଦେଇଛନ୍ତି । ବିଭିନ୍ନ ରାଜ୍ୟରେ ସ୍ପେସାଲ ପଣା ବିଷୟରେ କହି ଓଡ଼ିଶାର ସ୍ୱତନ୍ତ୍ର ବେଲପଣା ବାବଦରେ ଦେଶବାସୀଙ୍କୁ କହିଛନ୍ତି ପ୍ରଧାନମନ୍ତ୍ରୀ । ଓଡ଼ିଶାର ବେଲପଣା ଓ ସୁବର୍ଣ୍ଣରେଖା ଆମ୍ବକୁ ପ୍ରଶଂସା କରିଛନ୍ତି ପ୍ରଧାନମନ୍ତ୍ରୀ । ବିଭିନ୍ନ ରାଜ୍ୟର ଦେଶୀ ପାନୀୟ ବିଷୟରେ କହିଲେ- ମନ୍ କି ବାତରେ ପ୍ରଧାନମନ୍ତ୍ରୀ ମୋଦି କହିଥିଲେ, 'ଆପଣମାନେ ସ୍ଥାନୀୟ ପାନୀୟ ସହିତ ମଧ୍ୟ ପରିଚିତ, ଯଦି ଆପଣ ଉତ୍ତର ଭାରତ ଯାଆନ୍ତି, ତେବେ ଆପଣଙ୍କୁ ଅନେକ ସ୍ଥାନରେ ଆମ ପନ୍ନା, କଞ୍ଚା ଆମ୍ବ ସ୍ୱାଦ ଏବଂ ଗରମରୁ ମୁକ୍ତି ମିଳିବ। ଯଦି ଆପଣ ପଞ୍ଜାବ-ହରିଆଣା ଯାଆନ୍ତି, ତେବେ ଆପଣଙ୍କୁ ଲସି ମିଳିବ, ଏକ ବଡ଼ ଗ୍ଲାସରେ ଲସି । ରାଜସ୍ଥାନ ଏବଂ ଗୁଜରାଟରେ ବଟରମିଲ୍କ, ଏହା ପ୍ରତ୍ୟେକ ଖାଦ୍ୟର ସାଥୀ ହୋଇଯାଏ ଏବଂ ବିହାର, ଝାଡ଼ଖଣ୍ଡ, ପୂର୍ବ ଉତ୍ତର ପ୍ରଦେଶରେ ସତ୍ତୁ ଶରବତ, ଏହା ବିଷୟରେ କଣ କହିବା, ଏହା ପେଟ ପୂରଣ କରେ ଏବଂ ଶକ୍ତି ମଧ୍ୟ ଦିଏ । କୋଙ୍କଣ ଏବଂ ଗୋଆରେ କୋକୁମ ଶରବତ, ସୋଲ କଢି । ଦକ୍ଷିଣ ଭାରତରେ ପନକମ୍, ନୀର ମୋର, ସାମ୍ଭରମ୍ ଏବଂ ଓଡ଼ିଶାରେ ବେଲ୍ ପଣା, ଏଗୁଡ଼ିକ କେବଳ ପାନୀୟ ନୁହେଁ, ଏହା ଭାରତର ବିଭିନ୍ନ ଅଞ୍ଚଳର ପରମ୍ପରାର ଏକ ଅଂଶ ।'

## ଥାନାରେ ଥାର୍ଡ ଡିଗ୍ରୀ ଅଭିଯୋଗ ଘଟଣା

# ବଦଳିଲେ ବାରଙ୍ଗ ଥାନା ଆଇଆଇସି

**କଟକ:** କଟକ ବାରଙ୍ଗ ଥାନାରେ ରାକେଶ ବେହେରାଙ୍କୁ ଥାର୍ଡ ଡିଗ୍ରୀ ଅଭିଯୋଗ ଘଟଣା । ବଦଳିଲେ ବାରଙ୍ଗ ଥାନା ଆଇଆଇସି ନିରଞ୍ଜନ ବେହେରା। ବର୍ତ୍ତମାନ ବାରଙ୍ଗ ଥାନା ଆଇଆଇସି ଦାୟିତ୍ୱରେ ରହିବେ ପୁରୀଘାଟ ଥାନା ଅଧିକାରୀ ବିଶ୍ୱ ରଞ୍ଜନ ନାୟକ। ସେପଟେ ଗୁରୁତର ଆହତ ରାକେଶ ବେହେରା ଓରଫ ମୁନା କଟକ ବଡ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି । ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥାରେ ସୁଧାର ଆସିଛି । ତାରିଖରେ ରାକେଶ ସ୍ତ୍ରୀ ନିଖୋଜ ନେଇ ବାରଙ୍ଗ ଥାନାରେ ଅଭିଯୋଗ କରିବାକୁ ଆସିଥିଲେ। ୨୨ ତାରିଖରେ କାଠଯୋଡ଼ି ନଦୀପଠାରୁ ଜଣେ ମହିଳାଙ୍କ ମୃତଦେହ ମିଳିଥିଲା। ମୃତଦେହ ଚିହ୍ନଟ ପାଇଁ ପୁଲିସ ରାକେଶଙ୍କୁ ଥାନାକୁ ଡାକିଥିଲା। ହେଲେ ମୃତଦେହ ସ୍ତ୍ରୀଙ୍କ ନୁହେଁ ବୋଲି କହିବା ପରେ ରାକେଶଙ୍କୁ ବାରଙ୍ଗ ଥାନାରେ ଥାର୍ଡ ଡିଗ୍ରୀ ଦିଆଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାକୁ ନେଇ ଉତ୍ତେଜନା ଦେଖାଦେଇଥିଲା।

# ପରକୀୟା ପ୍ରୀତି ପାଇଁ ସ୍ତ୍ରୀର ହତ୍ୟାକାରୀ ସାଜିଲା ସ୍ୱାମୀ

## ନଦୀକୂଳରୁ ଶବ ଜବତ, ଅଭିଯୁକ୍ତକୁ କୋର୍ଟଚାଲାଣ

**ଟାଙ୍ଗୀ-ଚୌଦ୍ୱାର:** ଟାଙ୍ଗୀ ଥାନା ଅନ୍ତର୍ଗତ ଭଟିମୁଣ୍ଡା ପଞ୍ଚାୟତ ମେଣ୍ଢାଖାଇ ନଦୀ କୂଳରୁ ଜଣେ ମହିଳାଙ୍କର ପୋତା ହୋଇଥିବା ମୃତଦେହକୁ ଟାଙ୍ଗୀ ପୁଲିସ୍ ଉଦ୍ଧାର କରିଛି । ସୂଚନାରୁ ପ୍ରକାଶ ଯେ, ଜଗତ୍‌ସିଂହପୁର ଜିଲ୍ଲା ବାଲିକୁଦା ଥାନା ଗରାମ ଗ୍ରାମର ସଂଯୁକ୍ତା ସେଠୀ ତାଙ୍କ ଝିଅ ବନିତା ସେଠୀ କେଉଁଆଡ଼େ ନିଖୋଜ ନେଇ ଟାଙ୍ଗୀ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ । ମେଣ୍ଢାଖାଇ ନଦୀ କୂଳରେ ବନିତା ଓ ତାଙ୍କର ସମ୍ପର୍କୀୟ ଭାଣିଜୀ ଗାଧୋଇବାକୁ ଯାଇ ବନିତା ନିଖୋଜ ହୋଇଯିବା ନେଇ ସଂଯୁକ୍ତାଙ୍କ ଅଭିଯୋଗ ପରେ ପୁଲିସ୍ ତଦନ୍ତ ଘଟଣା ସ୍ଥଳକୁ ଯାଇ ସେଠାରେ ନଦୀରେ ପାଣି ବହୁତ କମ୍ ଥିବା ସହ ବନିତାଙ୍କ ଚପଲ ପଡ଼ିଥିବା ଦେଖି ପୁଲିସ୍‌ର ସନ୍ଦେହ ସୃଷ୍ଟି ହୋଇଥିଲା । ପରେ ମୃତ ବନିତାଙ୍କ ସ୍ୱାମୀ ମଳୟ ସାମଲ ଓରଫ୍ ବାବୁଙ୍କ ଉପରେ ପୁଲିସ୍‌ର ସନ୍ଦେହ ଆସିବାରୁ ଶନିବାର ରାତିରେ ପୁଲିସ୍ ମଳୟକୁ ଥାନାକୁ ଆଣି ପଚରାଉଚୁରା କରିବାରୁ ସେ ପ୍ରଥମେ ବିଭିନ୍ନପ୍ରକାର ବିଭ୍ରାନ୍ତକର ତଥ୍ୟ ଦେବା ସହ ଗ୍ରାମର କିଛି ଯୁବକଙ୍କ ନାମ କହି ପୁଲିସ୍‌କୁ ଭୁଆଁ ବୁଲାଇଥିଲା । ପରେ ନିଜେ ଏକାକୀ ହତ୍ୟା କରିଛି ବୋଲି ପୁଲିସ୍ ଆଗରେ ମାନିବା ସହ ଭଟିମୁଣ୍ଡାର ମୁଖ୍ୟରାସ୍ତା ଠାରୁ ଏକ କିଲୋମିଟର ଦୂରରେ ଥିବା ମେଣ୍ଢାଖାଇ ନଦୀପଠାରେ ମୃତଦେହକୁ ପୋତିଥିବା ସ୍ଥାନକୁ ନେଇ ପୁଲସ୍‌ଙ୍କୁ ଦେଖାଇଥିଲା । ପରେ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ଚୌଦ୍ୱାର ଏସ୍‌ଡିପିଓ ଉମାକାନ୍ତ ନାୟକ, ଟାଙ୍ଗୀ ଥାନା ଭାରପ୍ରାପ୍ତ ଅଧିକାରୀ ବିକାଶ ସେଠୀ, ମାଜିଷ୍ଟ୍ରେଟ୍ ଡଃ ପ୍ରଜ୍ଞାପରମିତା ପଣ୍ଡା ଉକ୍ତ ସ୍ଥାନରେ ମୃତଦେହ ଉଦ୍ଧାର କରାଯାଇଥିଲା ।

## ଆମେରିକାରେ ଅଦିନିଆ ରଥଯାତ୍ରା

# ଜଗନ୍ନାଥ ସଂସ୍କୃତି ପ୍ରେମୀଙ୍କ ମଧ୍ୟରେ ଅସନ୍ତୋଷ

**ଭୁବନେଶ୍ୱର :** ଆମେରିକାରେ ଅଦିନରେ ରଥଯାତ୍ରା ଆୟୋଜିତ ନେଇ କ୍ଷୁବ୍ଧ ପ୍ରବାସୀ ଓଡ଼ିଆ ଓ ଶ୍ରଦ୍ଧାଳୁ । ଇସ୍କନ ବିରୋଧରେ ଗର୍ଜିଲେ ବଲ୍ଟିମୋରର ଜଗନ୍ନାଥ ପ୍ରେମୀ । ମେ' ମାସରେ ରଥଯାତ୍ରା ଆୟୋଜିତ ହୋଇଥିବାରୁ ! ଇସ୍କନ ଉପରେ କ୍ଷୁବ୍ଧ ବଲ୍ଟିମୋରର ପ୍ରବାସୀ ଓଡ଼ିଆ ଓ ଶ୍ରଦ୍ଧାଳୁ । କହିଲେ, ଶ୍ରୀମନ୍ଦିରର ନୀତି ନିୟମକୁ ଏଠାରେ କରାଯାଉଛି ଅବମାନନା । ବିଦେଶ ମାଟିରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ରଥଯାତ୍ରାର ସମୟ ସୀମା ଓ ଶାସ୍ତ୍ରୀୟ ନିୟମକୁ ବଦଳାଇବାକୁ ନେଇ ବଡ଼ ବିବାଦ ମୁଣ୍ଡ ଟେକିଛି । ଆମେରିକାର ମେରୀଲ୍ୟାଣ୍ଡରେ ଥିବା 'ବଲ୍ଟିମୋର ଇସ୍କନ ମନ୍ଦିର' ପକ୍ଷରୁ ଚଳିତ ମେ ୩୦ ତାରିଖରେ ରଥଯାତ୍ରା ଆୟୋଜନ ହୋଇଥିଲା । ଏନେଇ ସ୍ଥାନୀୟ ହିନ୍ଦୁ ସମ୍ପ୍ରଦାୟ ଏବଂ ଜଗନ୍ନାଥ ସଂସ୍କୃତି ପ୍ରେମୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପରମ୍ପରା ଅନୁସାରେ ଆସନ୍ତା ଜୁଲାଇ ମାସରେ ରଥଯାତ୍ରା ହେବାକୁ ଥିବାବେଳେ ମେ ମାସରେ ଏହାକୁ ଆୟୋଜନ କରାଯାଇଥିବାରୁ ଶାସ୍ତ୍ର ବିରୋଧୀ ବୋଲି ଦର୍ଶାଇ ଏକ ଜୋରଦାର ପ୍ରତିବାଦପତ୍ର ଦିଆଯାଇଛି। ଜଗନ୍ନାଥ ଅର୍ଗାନାଇଜେସନ ଫର ଗ୍ଲୋବାଲ ଆୱାରନେସ'ର ଅଧ୍ୟକ୍ଷ ନରେଶ ଚନ୍ଦ୍ର ଦାସଙ୍କ ନେତୃତ୍ୱରେ ଶ୍ରଦ୍ଧାଳୁମାନେ ବଲ୍ଟିମୋର ଇସ୍କନ ମନ୍ଦିରର ସଭାପତିଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏଥିରେ ଚନ୍ଦ୍ର ଗଣନା ଓ ତିଥି ନକ୍ଷତ୍ରକୁ ଅଣଦେଖା କରାଯାଇଥିବାରୁ ବିଶ୍ୱବ୍ୟାପୀ ଜଗନ୍ନାଥ ପ୍ରେମୀଙ୍କ ଆଧ୍ୟାତ୍ମିକ ଭାବନାକୁ ଗଭୀର ଆଘାତ ଲାଗିଥିବା କୁହାଯାଇଛି ।ସ୍କନ୍ଦ ପୁରାଣ, ବ୍ରହ୍ମ ପୁରାଣ, ପଦ୍ମ ପୁରାଣ ଏବଂ ନୀଳାଦ୍ରି ମହୋଦୟ ଭଳି ପବିତ୍ର ଗ୍ରନ୍ଥ ଅନୁଯାୟୀ, ମହାପ୍ରଭୁଙ୍କ ସ୍ନାନ ଯାତ୍ରା ଜ୍ୟେଷ୍ଠ ପୂର୍ଣ୍ଣିମାରେ ଏବଂ ରଥଯାତ୍ରା ଆଷାଢ଼ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ଅନୁଷ୍ଠିତ ହେବା ଉଚିତ। ସେହି ଗଣନା ଅନୁସାରେ ଚଳିତ ବର୍ଷ ଜୁଲାଇ ୧୬ରୁ ୨୪ ମଧ୍ୟରେ ଏହି ଯାତ୍ରା ହେବା କଥା। ପ୍ରତିବାଦ ପତ୍ରରେ ସ୍ପଷ୍ଟ କୁହାଯାଇଛି, ନିର୍ଦ୍ଧାରିତ ଦିବ୍ୟ ତିଥି ବ୍ୟତୀତ ଅନ୍ୟ କୌଣସି ଦିନ ଶ୍ରୀବିଗ୍ରହମାନଙ୍କୁ ମନ୍ଦିରରୁ ବାହାରକୁ ଆଣିବା ଶାସ୍ତ୍ରସମ୍ମତ ନୁହେଁ। ଗତ ୨୦୨୫ ଅକ୍ଟୋବର ୧୯ ତାରିଖରେ ଇସ୍କନର ମାୟାପୁର ଜିବିସି ମୁଖ୍ୟ ଏକ ନିର୍ଦ୍ଦେଶନାମା ଜାରି କରିଥିଲେ। ସେଥିରେ ସାରା ବିଶ୍ୱର ସମସ୍ତ ଇସ୍କନ ମନ୍ଦିରକୁ ପୁରୀ ଶ୍ରୀମନ୍ଦିରର ଚନ୍ଦ୍ର ପଞ୍ଜିକା ଓ ତିଥି ଅନୁସାରେ ହିଁ ରଥଯାତ୍ରା କରିବାକୁ କୁହାଯାଇଥିଲା। କିନ୍ତୁ ବାଲ୍ଟିମୋର ଇସ୍କନ ମନ୍ଦିର ଏହି ନିର୍ଦ୍ଦେଶକୁ ଅବମାନନା କରିଛି। ତେବେ ଏହି ସ୍ମାରକପତ୍ର ଏବଂ ପ୍ରତିବାଦ ଉପରେ ବଲ୍ଟିମୋର ଇସ୍କନ ମନ୍ଦିର କର୍ତ୍ତୃପକ୍ଷଙ୍କ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ସ୍ପଷ୍ଟୀକରଣ ମିଳିପାରିନି ।

# ଆଗକୁ ଘୋଷଯାତ୍ରା, ରଥଖଳା ଚଳଚଞ୍ଚଳ

- ■ ତିନିରଥର ୩୩ଟି ସାଲଗୁଜ ଓ ୮ଟି
- ■ ତୀଖଗୁଜରେ ସିଂହବିରଳ ରୂପ ଖୋଦେଇ ଶେଷ
- ■ ଦେବଦଳନ ରଥର ପୋଲ ଗୟଳ ର ଚିରଟ କାର୍ଯ୍ୟ ଶେଷ
- ■ ଦଣ୍ଡା ଫ୍ରେମ୍ ନମ୍ବରିଂ ସହ କଳସା ପାଇଁ ମାପ ଚିହ୍ନ ଗାରିଆ ଶେଷ





**ପୁରୀ :** ରଥଖଳାରେ ମହାପ୍ରଭୁଙ୍କ ତିନିରଥ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି । ରବିବାର ରଥ ନିର୍ମାଣର ୪୧ ତମ ଦିବସରେ ରଥଖଳା ଠାରେ ମୁଖ୍ୟ ମହାରଣାଙ୍କ ମାର୍ଗ ଦର୍ଶନରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ତିନିରଥରେ ମୁହାଁଟ ସଂଯୋଗ ପରେ ଆଗ,ପଛ ନିରାଡ଼ି ଉଠି ପାର୍ଶ୍ୱ ଦାଣ୍ଡରେ କୁତୁକା ଲାଗି ହୋଇ ପାର୍ଶ୍ୱ ନିରାଡ଼ି ପଡ଼ି , ଆଗ,ପଛ ମୁହାଁଟ ରେ ଗୁଜ , ଯାଳଯନ୍ତ୍ର ଲାଗି ଚେଚିସ୍ ବା ଦଣ୍ଡା ଫ୍ରେମ୍ ନିର୍ମାଣ ଶେଷ ହୋଇଥିଲା । ଆଜି ତିନିରଥର ମୁଖ୍ୟ ମହାରଣା ମାନଙ୍କ ତତ୍ତ୍ୱାବଧାନରେ ଦଣ୍ଡା ଫ୍ରେମ୍ ର ବିଭିନ୍ନ ଅଂଶ ଗୁଡ଼ିକର ନମ୍ବରିଂ ହୋଇ କଳସା ପାଇଁ ମାପ ଚିହ୍ନ ଗାରିଆ ଶେଷ ହୋଇଛି । ଆସନ୍ତାକାଲି ଦଣ୍ଡା ଫ୍ରେମ୍ ଖୋଲା ଯାଇ ଦଣ୍ଡା ଫ୍ରେମରେ ଲାଗି ଥିବା ଅଂଶ ଗୁଡ଼ିକର କାପ ,କଳଶା ଏବଂ ବାକି ବିନ୍ଧାକାର୍ଯ୍ୟ ପରେ ଦଣ୍ଡା ଫେମ୍ ସାଇତା କାର୍ଯ୍ୟ ହେବ। ଏଥିସହ ତିନିରଥର ୧୨ ଲେଖାଏଁ ପୋଲ ଗୟଳ ରୁ ଦୁଇଟି ଲେଖାଏଁ ବଡ଼ ପୋଲ ଗୟଳ କରତୀ ସେବକ ଚିରଟ କରି ଚଉପଟ ପାଇଁ ରଥ ଚାଳି କୁ ଯୋଗାଇ ଥିଲେ, ବାକି ପାଲ ଗୟଳ ଗୁଡ଼ିକ ମଧ୍ୟରୁ ଆଜି ଦୁଇଟି ଲେଖାଏଁ ପୋଲ ଗୟଳ ର ଚଉପଟ କାର୍ଯ୍ୟ ତିନିରଥର ମହାରଣା ସେବକ ମାନେ ଆରମ୍ଭ କରିଛନ୍ତି। ରୂପକାର ସେବକ ମାନେ ତିନିରଥର ୩୩ ଟି ସାଲ ଗୁଜ ଏବଂ ୮ ଟି ଲେଖାଏଁ ତୀଖ ଗୁଜ ରେ ସିଂହ ବିରଳ ରୂପ ଖୋଦେଇ ଶେଷ ପରେ ତିନିରଥର ବେଦୀ ସିଂହାସନ ମୁହାଁଟରେ କୁମ୍ଭ, ମତ୍ସ୍ୟ,ଡାଳି ଲତା ଖୋଦେଇ କାର୍ଯ୍ୟ ଜାରୀ ରଖିଛନ୍ତି। ଆଜି ମହାରଣା ସେବକ ମାନେ ତିନିରଥର ୮ ଟି ଲେଖାଇଁ ନାଟ ଗୋଡ଼ ପଟାରେ ମୁଖ ସାଲ ଶେଷ କରି ରୂପ ଖୋଦେଇ ପାଇଁ ରୂପକାର ସେବକଙ୍କୁ ଯୋଗାଇ ଦେଇଛନ୍ତି। କରତୀ ସେବକ ମାନେ ଚିତା କାର୍ଯ୍ୟ ପରେ ଦେବଦଳନ ରଥର ୪୦ ଫୁଟିଆ ପୋଲ ଗୟଳ ର ଚିରଟ କାର୍ଯ୍ୟ ଶେଷ କରିଛନ୍ତି । ଦୋଳବେଦୀ ଅସ୍ଥାୟୀ କମାର ଶାଳ ରେ ଓଝା କମାର ସେବକ ମାନେ ତିନିରଥ ର ଦଣ୍ଡା କଣ୍ଟା, ଗୟଳ କଣ୍ଟା ଶେଷ କରି ତିନିରଥ ର ପୋଟଳ ପାଇଁ ଜଙ୍ଘାକଣ୍ଟା ଏବଂ ପୋଟଳ ବାଗିଆ କଣ୍ଟା ନିର୍ମାଣ ଜାରୀ ରଖିଛନ୍ତି। ଦୋଳବେଦୀ ଠାରେ ପାହି ମହାରଣା ମାନେ ଅଣସର ତଥା ରଥ ଯାତ୍ରାରେ ସେବା ନୀତି ପାଇଁ କାଠ ନିର୍ମିତ ସରଞ୍ଜାମ ଯଥା ଅବକାଶ ଖଟୁଲି, ଠାକୁରଙ୍କ ରୁନ୍ଧା କାର୍ଯ୍ୟ ପାଇଁ ଅଞ୍ଜନା ଖୁଣ୍ଟି, ବେଶ ଘୋଡ଼ିଆ, ପାଟ ଡୋରି ବୋଳିବା ପାଇଁ କାଠି ନିର୍ମାଣ ଜାରୀ ରଖିଛନ୍ତି।

ସମ୍ପାଦକୀୟ

## ଟକ୍କର ଏଥର ଜୋର୍‌ଦାର

ଯେତେବେଳେ ବିଜୟ ଲକ୍ଷ୍ୟ ରହିବ, ସେବେ ଆଖି ଆଗରେ କେବଳ ସେହି ଗୋଟାଏ ଲକ୍ଷ୍ୟ ରହିବ। ଯେମିତି ବି ହେଉ , ବିଜୟ ଲକ୍ଷ୍ୟ ହାସଲ କରିବା ପାଇଁ ସବୁପ୍ରକାର ଚେଷ୍ଟା ଜାରି ରହିବା ଦରକାର। ଯେମିତି ବି ହେଉ ବିଜୟ ଲକ୍ଷ୍ୟ ହାସଲ ଜରୁରୀ। ସବୁବେଳେ ସମସ୍ତଙ୍କୁ ବିଜୟପ୍ରାପ୍ତି ହୁଏନାହିଁ କିନ୍ତୁ ବିଜୟପ୍ରାପ୍ତି ଉଦ୍ୟମରେ ବି କମି ହୁଏନାହିଁ । ଚେଷ୍ଟାରେ କିନ୍ତୁ କୌଣସି କମି ନଥାଏ, କିଛି ବି ଭୁଲ୍‌ଚୁକ୍ ନ ଥାଏ। ତଥାପି ଫଳାଫଳ କିନ୍ତୁ ଭିନ୍ନ ହୁଏ। କିଏ ପାଶ୍ ତ କିଏ ଫେଲ। କାହର ଜିତ୍ ତ ଆଉ କାହାର ହାର୍ । ଟକ୍କର କିନ୍ତୁ ଜୋର୍‌ଦାର। ଏବେ ଭାରତରେ ଚାଲିଛି ନିର୍ବାଚନୀ ମାହୋଲ୍। ବିଭିନ୍ନ ରାଜ୍ୟରେ ଏବେ ଏବେ ଶେଷ ହୋଇଛି ବିଧାନସଭା ନିର୍ବାଚନ। ଯୋଉସବୁ ରଜ୍ୟରେ ବିଧାନସଭା ନିର୍ବାଚନ ସରିଛି, ସେ ସବୁ ରାଜ୍ୟରେ ସାନି ନିର୍ବାଚନ ଆଉ ହୋଇନପାରେ। ହେଲେ ଫଳାଫଳରେ ଯଦି କେଉଁଠି କିଛି ବି ତ୍ରୁଟି ରହିଯାଏ, ତଥାପି ହେବନି ସାନି ନିର୍ବାଚନ। ଜିତିଲାବାଲା କି କେବେ ଇଚ୍ଛା କରିବ କି ? ହରିଲାବାଲା କିନ୍ତୁ ଇଚ୍ଛା କରିବ। କାରଣ ଜିତିବା ତ ସବୁରୀ ମନ। ସବୁ କାମ କି ମନ ଅନୁସାରେ ହୋଇଥାଏ। ସେଥିପାଇଁ ବି ଧନ ଦରକାର। ଭାରତର ବିଭିନ୍ନ ରାଜ୍ୟରେ ସଦ୍ୟ ସମାପ୍ତ ହୋଇଯାଇଛି ରାଜ୍ୟସଭା ନିର୍ବାଚନ ଯାହାକି ଏପ୍ରିଲ୍ ମାସ ଦ୍ୱିତୀୟ ସପ୍ତାହରୁ ଆରମ୍ଭ ହୋଇ ନିକଟରେ ଏବେ ଶେଷ ହୋଇଛି । କୋଉ ରାଜ୍ୟରେ କୋଉ ଦଳ କ୍ଷମତାକୁ ଆସିବ ଅବା କିଏ ନ ଆସିବ, ତାହା ତ ଭିନ୍ନ କଥା, ନଜର କିନ୍ତୁ ଏବେ ଟିକି ରହିଛି ବେଙ୍ଗଲ ଉପରେ , ତାହା ପରେ ତାମିଲ୍ ଉପରେ। ଭାରତର ସମୁଦାୟ ୨୯ ରାଜ୍ୟ ମଧ୍ୟରୁ ଉତ୍ତର ଭାରତ ଏବଂ କେତେକ ଦକ୍ଷିଣ ଭାରତୀୟ ରାଜ୍ୟରେ ଏବେ ରଜ୍ୟ ବିଧାନାସଭା ନିର୍ବାଚନ ଶେଷ ହୋଇଛି। ଫଳାଫଳ ତ ପ୍ରକାଶ ପାଇନି ହେଲେ ଅତିଶୀଘ୍ର ମେ ଚାରି ତାରିଖରେ ଫଳାଫଳ ପ୍ରକାଶ ପାଇବାର ତାରିଖ ବି ନିର୍ଦ୍ଦିଷ୍ଟ ହୋଇଯାଇଛି। ସବୁ କିଛି ନିର୍ଦ୍ଦିଷ୍ଟ ମଧ୍ୟରେ ଗୋଟାଏ କଥା କିନ୍ତୁ ରହି ଯାଉଛି ଅନିର୍ଦ୍ଦିଷ୍ଟ ହୋଇ। ତାହା ହେଉଛି କୋଉଠି କିଏ ଆସିବ ? କୋଉଠି କିଏ ଜିତିବ ? ଭାରତର ୨୯ ରାଜ୍ୟ ମଧ୍ୟରୁ ପ୍ରାୟ ୧୯ ରାଜ୍ୟରେ ଯେଉଁଠି ବିଜେପିର ରାଜନୈତିକ ପ୍ରଭାବ ଜାରି ରହିଛି ଏବଂ କେନ୍ଦ୍ରର ବିଜେପି ସରକାର କେନ୍ଦ୍ରରୁ ରାଜନୀତିକ ଗୋଟି ଚାଳନା କରି ଭାରତର ଅବଶିଷ୍ଟାଂଶ ରାଜ୍ୟମାନଙ୍କରେ ମଧ୍ୟ ନିଜର ଜିତାପଟ କାଏମ୍ ରଖିବାକୁ ଚାହୁଁଛି ଏବଂ ସେହି ଅନୁସାରେ ନିଜର ଉଦ୍ୟମ ବି ଜୋରଦାର କରିଛି । ସେ ପାଇଁ ତ ଆମେ ଭାବୁଛୁ ଟକ୍କର ଏଥର ଜୋରଦାର। କାରଣ ଯେମିତି ବି ହେଉ ସମସ୍ତଙ୍କ ବିଜୟ ଲକ୍ଷ୍ୟ ହାସଲ ଜରୁରୀ। ଯିଏ ବି ଥରେ ମଇଦାନରେ ଦେଖାଦିଏ, ଯିଏ ବି ଥରେ ରାଜନୀତିକ ମଇଦାନରେ ନିଜର ଉଦ୍ଦେଶ୍ୟମୂଳକ ଉପସ୍ଥିତି ଜାହିର କରେ , ତା'ର ଉଦ୍ଦେଶ୍ୟ କେବଳ ବିଜୟ ମାନେ ବିଜୟ ଯୋଉଠି ସବୁବେଳେ ସମସ୍ତଙ୍କୁ ବିଜୟପ୍ରାପ୍ତି ହୁଏନାହିଁ କିନ୍ତୁ ବିଜୟପ୍ରାପ୍ତି ଉଦ୍ୟମରେ ବି କମି ହୁଏନାହିଁ । ଉଦ୍ୟମରେ ବି କିନ୍ତୁ କୌଣସି କମି ନଥାଏ, କିଛି ବି ତ୍ରୁଟି ବିଚ୍ୟୁତି ଥାଏ। ତଥାପି ଫଳାଫଳ କିନ୍ତୁ ସମାନ ନଥାଏ। କିଏ ପାଶ୍ ତ କିଏ ଫେଲ୍। କାହର ବିଜୟ ତ ଆଉ କାହାର ପରାଜୟ। ଟକ୍କର କିନ୍ତୁ ଜୋର୍‌ଦାର। ଏବେ ଆମ ଦେଶରେ ଚାଲିଛି ନିର୍ବାଚନୀ ମାହୋଲ୍। ଭାରତର ଅଧିକାଂଶ ରାଜ୍ୟରେ ସଦ୍ୟ ସମାପ୍ତ ହୋଇଯାଇଛି ରାଜ୍ୟ ବିଧାନସଭା ନିର୍ବାଚନ । କେଉଁ ରାଜ୍ୟରେ କିଏ ଆସିବ ଅବା ନ ଆସିବ, ସିଏ ତ ପରକଥା ତେବେ ପୁରା ଭାରତକୁ ନିଜ ଅକ୍ତିଆରକୁ ନେବାର ବୃହତ୍ ରାଜନୈତିକ ଉଦ୍ଦେଶ୍ୟ ରଖୁଥିବା ବିଜେପିର ମୁଖ୍ୟ ନଜର ଏବେ ପଶ୍ଚିମବଙ୍ଗ ଏବଂ ତାମିଲ୍‌ନାଡୁ ଉପରେ । ଏମିତି ତ ପୂରା ଭାରତ ଉପରେ ନଜର ତେବେ ଏହି ରାଜ୍ୟ ଦୁଇଟି ଉପରେ ଏବେ ବିଜେପିର ହେଭୀ ନଜର, କଡ଼ା ନଜର, ତୀକ୍ଷଣ ନଜର। ଗୋଟାଏ ପଟେ ଉତ୍ତରରେ ମମତା ଦିଦିଙ୍କ ଦବଦବା ଜାରି ରହିଥିବା ବେଳେ ଆରପଟେ ଦକ୍ଷିଣ ଭାରତ ତାମିଲ୍ ନାଡୁରେ ପ୍ରଭାବ ଜାହିର କରୁଛନ୍ତି ଏମ୍ କେ ଷ୍ଟାଲିନ୍ । ତଥ୍ୟ ଯାହା କହୁଛି ମମତା ଦିଦି ଯେ କି ବଙ୍ଗରେ କ୍ଷମତା ହାସଲ ପାଇଁ ସବୁ ପ୍ରକାର କଳବଳ କଉଶଳ ଖଟାଇ ଦେଇଛନ୍ତି। ବୋଧହୁଏ ସେଇଥିପାଇଁ ପ୍ରଥମ ପର୍ଯ୍ୟାୟରେ ୯୦ ପ୍ରତିଶତରୁ କିଛିଟା କମ୍ ରହିଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ପ୍ରାୟ ୯୨ ପ୍ରତିଶତ ମତଦାନ ହୋଇଛି। ରାଜ୍ୟର ରାଜନୀତିକ ଇତିହାସ ଯାହା କହୁଛି ବଙ୍ଗରେ ପୂର୍ବରୁ ସଙ୍ଗଠିତ ହୋଇଯାଇଥିବା ବିଭିନ୍ନ ଆଞ୍ଚଳିକ ନିର୍ବାଚନମାନଙ୍କ ତୁଳନାରେ ବର୍ତ୍ତମାନର ନିର୍ବାଚନରେ ଯେଉଁଭଳି ଭାବେ ମତଦାନ ହୋଇଛି , ଯାହା କି ପଶ୍ଚିମବଙ୍ଗ ରେ ଗୋଟାଏ ବୃହତ୍ ରେକର୍ଡ। ଯାହା ବଙ୍ଗବାସୀଙ୍କ୍ ଭୋଟ୍ ପ୍ରୀତି ନା ବଙ୍ଗବାସୀଙ୍କ ଦିଦି ପ୍ରୀତି, ତାହା ତ ଫଳାଫଳ ପ୍ରକାଶ ପାଇଲା ପରେ ହିଁ ଜଣାପଡ଼ିବ ,ତେବେ ମା' ମାଟି ମାନୁଷ ର କଥା କହୁଥିବା ମମତା ସରକାରକୁ ହରାଇବା ପାଇଁ ବିଜେପି ମଧ୍ୟ କୌଣସି କସରତ ବାକି ରଖିନି । ଦିଦିଙ୍କୁ ତାଙ୍କରି ଭାଷାରେ ଜବାବ୍ ଦେଇ ପଶ୍ଚିମ ବଙ୍ଗରେ ନିଜର ସୁନିଶ୍ଚିତ ବିଜୟର ସମ୍ଭବନା ଲକ୍ଷ୍ୟ କରୁଛି ବିଜେପି।

## କଥାଦେଇ କଥା ରଖିଲା

ଘାସ ପଡ଼ିଆରେ ବୁଲୁ ବୁଲୁ କେତେବେଳେ ଯେ ସେ ତା'ର ଅଜାଣତରେ ଜଙ୍ଗଲର ଟିକିଏ ଭିତରକୁ ପଶିଯାଇଥିଲା, ସେ ନିଜେ ବି ସେମିତି କିଛି ଆମେ କହୁଛୁ ସେଇ ପାଖ ଗାଁରେ ରହୁଥିବା ଗୋଟିଏ ନିରୀହା ଗୋରୁ କଥା ଯେ କି ପ୍ରତିଦିନ ଘାସ ଖାଇବା ପାଇଁ ଗାଁ ପାଖ ଜଙ୍ଗଲକୁ ଯାଏ। ତେବେ ଥରେ ଯାଉ ଯାଉ ବେଶି ଭିତରକୁ ପଶିଯିବା ଦ୍ୱାରା ତା'ର ହଠାତ୍ ଜଙ୍ଗଲର ଏକ ଅଜବ ଜୀବ ସହିତ ସହିତ ତା'ର ସାମ୍‌ନା ହୋଇଗଲା। କ'ଣ କରିବ ଏବଂ ନ କରିବ , କିଛି ବି ବୁଝିପାରିଲାନି ସେ । ଭାବିଲା ଆଜି ଜୀବନ ଗଲା। ଏବେ ବନ୍ଧାକୁ ଖାଇବା ପାଇଁ ଆଗେଇ ଆସିଲା। ନନ୍ଦା ଅତି ଭୟଭୀତ ହୋଇ ବାଘ ଆଗରେ କାକୁତି ମିନତି ହୋଇ ନେହୁରା ହୋଇ କହିଲା , ମୋତେ ଦୟାକରି ଛାଡ଼ିଦିଅ। ମୁ ଘରକୁ ଫେରିଯିବି । ହେଲେ ସେହି ଅଜବ ଜୀବ କିନ୍ତୁ ଶୁଣିବାକୁ ନାରାଜ୍ । ଏଣୁ ତା' ପାଖରେ ବନ୍ଧା ତା'ର ଛୋଟ ଛୁଆକୁ କ୍ଷୀର ଦେବା କଥା କହି ନେହୁରା ହେବା ପରେ ସିଂହର ମନ ବି ଟିକେ ତରଳିଗଲା। ସେ ଅନ୍ତତଃ କିଛି ସମୟ ପାଇଁ ନନ୍ଦା କଥାରେ ରାଜି ହୋଇ ତାକୁ ଛାଡ଼ିଦେଲା ତା'ର ବାଟରେ କିନ୍ତୁ ଗୋଟାଏ ସର୍ତ୍ତରେ । ନନ୍ଦା ତା'ର ବାଛୁରୀ ଛୁଆକୁ କ୍ଷୀରପିଆଇ ପୁଣି ଥରେ ଫେରି ଆସିବ ତା'ର ପାଖକୁ। ବନ୍ଧା ବି ଅତି ସହଜରେ ରାଜି ହୋଇଗଲା ସେହି ଜଙ୍ଗଲୀ ଜୀବ କଥାରେ କିନ୍ତୁ ସେ ବି ତାକୁ ଗଲାବେଳେ ତାଗିଦ କରି କହିଲା ଯେ ସେ ତା'ର ଛୁଆକୁ କ୍ଷୀର ପିଆଇ ତୁରନ୍ତ ତା' ପାଖକୁ ଫେରି ଆସିବ ନଚେତ ସେ ଉଭୟ ମା' ଛୁଆଙ୍କୁ ମାରିଦେବ । ବନ୍ଧା ତା' କଥାରେ ହିଁ ଭରି ତୁରନ୍ତ ଦୌଡ଼ି ପଳାଇଲା ସେଠାରୁ । କିଛି ସମୟ ଭିତରେ ସେ ତା'ର ଛୁଆ ପାଖରେ ପହଞ୍ଚି ତା'ର ଛୁଆକୁ କ୍ଷୀର ପିଆଇବା ବେଳେ ତାକୁ ଭଲକରି କ୍ଷୀର ପିଇବା ପାଇଁ କହିଲା। ମା' କହିଲା କି ଭଲକରି କ୍ଷୀର ପିଇଦେ । ପେଟ ପୂରାଇ କ୍ଷୀର ପିଇଦେ। ଆଜି ତୋ'ର ଶେଷଦିନ। ପରେ ସେ ତାକୁ ଜଙ୍ଗଲର ସେହି କଥା କହି ମନ ଦୁଃଖରେ ସେଠାରୁ ଫେରିବା ସମୟରେ ତା'ର ଛୁଆ ବି ତା'ର ସହିତ ଯିବା ପାଇଁ ଜିଦ୍ କରି ମା' ସହିତ ଗଲା। ଚଭୟ ମା' ଛୁଆ ଯାଇ ପହଞ୍ଚିଲେ ଜଙ୍ଗଲର ସେହି ଅଜବ ଜୀବ ପାଖରେ। ବନ୍ଧାର ଫେରିବା ଉପରେ ଖୁସି ହୋଇ ଜଙ୍ଗଲର ସେହି ଅଜବ ଜୀବ ଅତ୍ୟନ୍ତ ଖୁସି ହୋଇ ତାକୁ ଛାଡ଼ିଦେଲା। ତାକୁ ତା' ବାଟରେ ଯିବାକୁ ଦେଲା। କାରଣ ସେ ଖୁସି ହୋଇଯାଇଥିଲା ତା'ର କଥାରେ ଯାହା ସେ ତାକୁ ଦେଇଥିଲା ଏବଂ ସେହି କଥା ଅନୁସାରେ ତା'ର କଥା ରଖିଲା।ଏଣୁ ସେହି ଅଜବ ଜଙ୍ଗଲୀ ଜୀବ ତା' କଥାରେ ପ୍ରୀତ ହୋଇ ତାକୁ ଖୁସିରେ ଖୁସିରେ ଛାଡ଼ିଦେଲା।

# ପବିତ୍ର ଚନ୍ଦନ ପୂର୍ଣ୍ଣିମାର ମହତ୍ୱ



ଦଶରଥ ହେମ୍ବ୍ରମ୍

ଓଡ଼ିଆ ପଞ୍ଜିକା ଅନୁସାରେ ପୂର୍ଣ୍ଣମୀ ହେଉଛି ମାସର ଶେଷ ଦିନ। ବାରମାସ ମଧ୍ୟରୁ ବୈଶାଖ ମାସଟି ଆଦ୍ୟ ମାସ ଓ ଚୈତ୍ର ମାସ ହେଉଛି ମାସର ଶେଷ ମାସ। ଚୈତ୍ରପୂର୍ଣ୍ଣମୀ ପରଦିନଠାରୁ ଆରମ୍ଭ ହୋଇ ବୈଶାଖ ପୂର୍ଣ୍ଣିମା ପର୍ଯ୍ୟନ୍ତ ମାସ ଅବଧିର ଶେଷ ଦିନଟି ହେଉଛି ବୈଶାଖ ପୂର୍ଣ୍ଣିମା। ଏହା ବାରଟି ପୂର୍ଣ୍ଣିମା ମଧ୍ୟରୁ ଶ୍ରେଷ୍ଠ ବା ଆଦ୍ୟ ପୂର୍ଣ୍ଣିମା। ଏହାକୁ ଓଡ଼ିଆ ସଂସ୍କୃତି ଓ ପରମ୍ପରା ଅନୁସାରେ 'ଚନ୍ଦନ ପୂର୍ଣ୍ଣିମା' ବୋଲି କୁହାଯାଏ। ବୈଶାଖ ଶୁକ୍ଳ ତୃତୀୟା (ଅକ୍ଷୟ ତୃତୀୟା)ଠାରୁ ଆରମ୍ଭ ଜ୍ୟେଷ୍ଠ ଶୁକ୍ଳ ଚତୁର୍ଦ୍ଦଶୀ (ସ୍ନାନ ପୂର୍ଣ୍ଣିମାର ପୂର୍ବଦିନ) ପର୍ଯ୍ୟନ୍ତ ମୋଟ ୪୨ ଦିନ ଧରି ଚନ୍ଦନ ଯାତ୍ରା ଅନୁଷ୍ଠିତ ହୋଇଥାଏ। ଏହି ଦିନଠାରୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ବିଭିନ୍ନ ଦାନଧର୍ମ ପୂଜାର୍ଚ୍ଚନା କରାଯାଏ। ଗୃହ ନିର୍ମାଣ, ଗୃହ ପ୍ରତିଷ୍ଠା, ମନ୍ଦିର ପ୍ରତିଷ୍ଠା, ଶ୍ରୀଜଗନ୍ନାଥଙ୍କ ରଥ ଗଢ଼ା ଆରମ୍ଭ ତଥା ଚନ୍ଦନ ଯାତ୍ରାର ଶୁଭାରମ୍ଭ ହୋଇଥିବାରୁ ଏହାକୁ ଏକ ପାରମ୍ପରିକ ଗଣ ମହୋତ୍ସବ ମଧ୍ୟ କୁହାଯାଏ। ବର୍ଷସାରା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ନୀଳାଚଳ ଧାମ ଶ୍ରୀକ୍ଷେତ୍ରରେ ବିଭିନ୍ନ ଲୀଳାଖେଳା ଲାଗି ରହିଥିବାରୁ କୁହାଯାଏ ଯେ, ବାର ମାସରେ ଅନୁଷ୍ଠିତ ହୁଏ ତେର ଯାତ୍ରା। ପୁରାଣ ଏବଂ ଇତିହାସ ଅନୁସାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚନ୍ଦନ ଯାତ୍ରା ସହ ସମ୍ପର୍କ ଅତି ନିବିଡ଼। ଭକ୍ତି ଓ ପରମ୍ପରାର ମହାଯାତ୍ରା ହେଉଛି ଚନ୍ଦନ ଯାତ୍ରା। ସମଗ୍ର ବିଶ୍ୱରେ ଯେପରି ମହାପ୍ରଭୁ ଜଗନ୍ନାଥଙ୍କ ରଥଯାତ୍ରା ପ୍ରସିଦ୍ଧ, ମହାପ୍ରଭୁଙ୍କ ଚନ୍ଦନ ଯାତ୍ରା ମଧ୍ୟ ସେତିକି ବିଶ୍ୱପ୍ରସିଦ୍ଧ। ମହାପ୍ରଭୁଙ୍କ ଚନ୍ଦନ ଯାତ୍ରାକୁ ନେଇ ଭକ୍ତଙ୍କ ମଧ୍ୟରେ ବେଶ ଉତ୍ସାହ ରହିଥାଏ। ଏହାକୁ ମହାଆଡ଼ମ୍ବର ସହକାରେ ପାଳନ କରଯାଏ। ଏହା ଅକ୍ଷୟ ତୃତୀୟାଠାରୁ ଜ୍ୟେଷ୍ଠ କୃଷ୍ଣ ଅଷ୍ଟମୀ ପର୍ଯ୍ୟନ୍ତ ୨୧ ଦିନ ବ୍ୟାପି ନରେନ୍ଦ୍ର ପୁଷ୍କରିଣୀରେ ବାହାର ଚନ୍ଦନ ଯାତ୍ରା ରୂପରେ ଏବଂ ପରବର୍ତ୍ତୀ ୨୧ ଦିନ ବ୍ୟାପୀ

ଶ୍ରୀମନ୍ଦିରରେ ଭିତର ଚନ୍ଦନ ଯାତ୍ରା ଅନୁଷ୍ଠିତ ହୋଇଥାଏ। ବିଶ୍ୱାସ କରାଯାଏ, ଗ୍ରୀଷ୍ମତାପରୁ ରକ୍ଷା ପାଇବା ପାଇଁ ମଣିଷ ଯେପରି ପାଣିରେ ଗାଧୋଇ ଟିକିଏ ଥଣ୍ଡା ଅନୁଭବ କରେ, ସେହିପରି ଶ୍ରୀଜିଉ ମଧ୍ୟ ଚାପ ଖେଳିବା ପାଇଁ ନରେନ୍ଦ୍ର ପୁଷ୍କରିଣୀକୁ ଆସିଥାନ୍ତି। ଏହି ସମୟରେ ସେବାୟତମାନେ ମଣି ବିମାନରେ ଶ୍ରୀମଦନମୋହନ, ଶ୍ରୀଭୂଦେବୀ ଓ ଶ୍ରୀଦେବୀଙ୍କୁ ନରେନ୍ଦ୍ର ପୁଷ୍କରିଣୀକୁ ଆଣିଥା'ନ୍ତି। ରାମକୃଷ୍ଣଙ୍କ ସହ ଶ୍ରୀକ୍ଷେତ୍ରର ପଞ୍ଚମହାଦେବ ମଧ୍ୟ ବିଜେ କରନ୍ତି। ପବିତ୍ର ଚନ୍ଦନ ଯାତ୍ରା ହେଉଛି ଶ୍ରୀମନ୍ଦିରରେ ସବୁଠୁ ଅଧିକ ଦିନ ଧରି ପାଳିତ ହେଉଥିବା ଏକ ମହାପର୍ବ। ପବିତ୍ର ଚନ୍ଦନ ପୂର୍ଣ୍ଣିମାରେ ଠାକୁରଙ୍କୁ ଚନ୍ଦନ ବୋଳାଯାଏ। ପରେ ଠାକୁରଙ୍କୁ ଡଙ୍ଗାରେ ଚାପ ଖେଳିବା ପାଇଁ ବିରାଜମାନ କରାଯାଇ ବେଢ଼ା ବୁଲାଯାଏ। ଏହି ସମୟରେ ଶଙ୍ଖ, କାହାଳୀ ଓ ହରିବୋଲ ହୁଳହୁଳିରେ ପରିବେଶ ଭକ୍ତିମୟ ହୋଇଉଠେ। ବିଭିନ୍ନ ଲୋକନାଟ୍ୟ, ନୃତ୍ୟ, ଯାତ୍ରା, ପାଲା ପ୍ରଭୃତି ପରିବେଷଣ କରାଯିବାର ପରମ୍ପରା ରହିଛି। ଚନ୍ଦନ ଯାତ୍ରା ପାଇଁ ନରେନ୍ଦ୍ର ପୁଷ୍କରିଣୀର ଚନ୍ଦନ ଚକଡ଼ା ଓ ମନ୍ଦିରକୁ ଆଲୋକମାଳାରେ ସଜାଇ ଦିଆଯାଇଥାଏ। ହଜାର ବର୍ଷ ତଳର ଏହି ଚନ୍ଦନ ଯାତ୍ରା ଏବେ ବି ରୀତିନୀତି ଅନୁଯାୟୀ ଚାଲୁଅଛି। ବୈଶାଖ ଶୁକ୍ଳ ତୃତୀୟାଠାରୁ ସ୍ନାନପୂର୍ଣ୍ଣିମା ପର୍ଯ୍ୟନ୍ତ ୪୨ଦିନ ଧରି ଚାଲୁଥିବା ଏହି ଯାତ୍ରା ଗନ୍ଧଯାତ୍ରା, ଜଳକେଳି ଓ ଅନ୍ତରଙ୍ଗ ଚନ୍ଦନଲାଗି; ଏହିପରି ତିନିଭାଗରେ ବିଭକ୍ତ ହୋଇ ବିଶ୍ୱ ପ୍ରସିଦ୍ଧ ଓଡ଼ିଶାର ଚନ୍ଦନ ଯାତ୍ରାର ମହତ୍ତ୍ୱକୁ ବଜାୟ ରଖିଛି। ପୌରାଣିକ ଅନୁସାରେ ସତ୍ୟ ଯୁଗରେ ନୃସିଂହ ଦେବ ଚନ୍ଦନ ଯାତ୍ରାର ଆୟୋଜନ କରିଥିଲେ। ସେହିଦିନଠାରୁ ଚନ୍ଦନ ଯାତ୍ରା ପ୍ରଚଳିତ ବୋଲି ଅନୁମାନ କରାଯାଏ। ଦ୍ୱାପର ଯୁଗରେ ପଞ୍ଚୁପାଣ୍ଡବ ଅଜ୍ଞାତବାସ ଥିବାବେଳେ ଏହି ବିଶ୍ୱପ୍ରସିଦ୍ଧ ଚନ୍ଦନ ଯାତ୍ରାର ଆରମ୍ଭ ହୋଇଥିଲା ବୋଲି ପୁରାଣରେ ଉଲ୍ଲେଖ କରାଯାଇଛି। ସେଇ ବିଧିବ୍ୟବସ୍ଥାକୁ ବଜାୟ ରଖି ବର୍ତ୍ତମାନ ସମୟରେ ଶ୍ରୀକ୍ଷେତ୍ରସ୍ଥ ନରେନ୍ଦ୍ର ପୁଷ୍କରିଣୀରେ ଥିବା ଚନ୍ଦନ କୁଣ୍ଡରେ ଠାକୁରମାନେ ୨୧ଦିନ ଧରି ବୁଡ଼ି ରହିଥାନ୍ତି। ସେବକମାନେ ମହାପ୍ରଭୁଙ୍କୁ ତାମ୍ବୁଳ ସେବନ କରାଇଥାଆନ୍ତି। ନରେନ୍ଦ୍ର ପୁଷ୍କରିଣୀରେ ନୌବିହାର ଶେଷ ହେବା ପରେ ବିଳମ୍ବିତ ରାତିରେ ମହାପ୍ରଭୁ ଶ୍ରୀମନ୍ଦିର ପ୍ରତ୍ୟାବର୍ତ୍ତନ କରିଥାନ୍ତି। ପଞ୍ଚୁ ପାଣ୍ଡବ ମଧ୍ୟ ସ୍ୱସ୍ଥାନକୁ ଗମନ କରିଥାଆନ୍ତି। ଏହି ଚନ୍ଦନ ଯାତ୍ରା ସମୟରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଚନ୍ଦନଲାଗି ତଥା ଆଳଟ ଲାଗି ନୀତି ଅନୁଷ୍ଠିତ ହୋଇଥାଏ। ନୀଳାଚଳ ଧାମ ଶ୍ରୀକ୍ଷେତ୍ର ପୁରୀରେ ଚନ୍ଦନଯାତ୍ରା କେବେ ଆରମ୍ଭ ହୋଇଥିଲା ଯଦିଓ ତାହାର ନିର୍ଦ୍ଦିଷ୍ଟ ପ୍ରମାଣ ନାହିଁ, ତଥାପି କବିରାଜ ଜୟଦେବଙ୍କ ଗୀତଗୋବିନ୍ଦ କାବ୍ୟ ରଚନା କାଳଠାରୁ ଏହି ବିଶ୍ୱପ୍ରସିଦ୍ଧ ଚନ୍ଦନଯାତ୍ରା ଆରମ୍ଭ ହୋଇଥିବାର ଅନୁମାନ କରଯାଏ। ଶ୍ରୀମଭାଗବତ ଗୀତା ଏବଂ ଗୀତଗୋବିନ୍ଦର ବର୍ଣ୍ଣନା ଅନୁସାରେ ଶ୍ରୀରାଧାକୃଷ୍ଣଙ୍କ ରାସଲୀଳା ଓ ଜଳକେଳୀ ଲୀଳା ହେଉଛି ଚନ୍ଦନଯାତ୍ରାର ମୂଳ କାରଣ। ଐତିହାସିକ ତଥ୍ୟରୁ ଜଣାଯାଏ, ଗଙ୍ଗବଂଶର ରାଜାମାନଙ୍କ ସମୟରୁ ଚନ୍ଦନ ଯାତ୍ରା ଆରମ୍ଭ ହୋଇଛି। ରାଜା ଦ୍ୱିତୀୟ ନରସିଂହଦେବଙ୍କ ଶାସନ ସମୟରେ ନରେନ୍ଦ୍ର ମହାପାତ୍ର ନରେନ୍ଦ୍ର ପୁଷ୍କରଣୀ ଖୋଳିଥିଲେ। ରାଜା ଚୋଡ଼ଗଙ୍ଗଦେବ ଜଗନ୍ନାଥ ବଲ୍ଲଭ ବେଷ୍ଟ ପୋଖରୀରେ ଠାକୁରଙ୍କର ନୌକାବିହାର କରାଉଥିଲେ। କୁହାଯାଏ ଗଜପତି କପିଳେନ୍ଦ୍ରଦେବଙ୍କ ଭାଇ ନରେନ୍ଦ୍ର ଦେବ ନିଜର ଚଉଦ ପୁଅଙ୍କ

ସହିତ ଯୁଦ୍ଧରେ ପ୍ରାଣବଳି ଦେଇଥିବାରୁ ସେମାନଙ୍କ ସ୍ମୃତି ରୂପରେ ନରେନ୍ଦ୍ର ସରୋବର ଖନନ ହୋଇଥିଲା। ପରେ ଏହିଠାରେ ଚନ୍ଦନ ଯାତ୍ରା ଆରମ୍ଭ ହୋଇଥିଲା ବୋଲି ପୂର୍ବାନୁମାନ କରାଯାଏ। ତ୍ରୟୋଦଶ ଶତାବ୍ଦୀରୁ ପବିତ୍ର ଚନ୍ଦନ ଯାତ୍ରା ସୃଷ୍ଟି ହୋଇଥିବାର ମଧ୍ୟ ଅନୁମାନ କରାଯାଏ। ରାଜା ଗଜପତି କପିଳେନ୍ଦ୍ର ଦେବଙ୍କ ଭାଇ ନରେନ୍ଦ୍ର ଦେବଙ୍କ ଦ୍ୱାରା ନରେନ୍ଦ୍ର ସରୋବର ଖନନ ହେବାପରେ ପରବର୍ତ୍ତୀ ସମୟଠାରୁ ଆଜିପର୍ଯ୍ୟନ୍ତ ଏହି ନରେନ୍ଦ୍ର ସରୋବରରେ ଚନ୍ଦନ ଯାତ୍ରା ଅନୁଷ୍ଠିତ ହୋଇଆସୁଅଛି। କେବଳ ନୀଳାଚଳ ଧାମ ଶ୍ରୀକ୍ଷେତ୍ର ପୁରୀରେ ନୁହେଁ, ସମଗ୍ର ଓଡ଼ିଶାର ଥିବା ଅନ୍ୟାନ୍ୟ ବୈଷ୍ଣବ ପୀଠ, ବିଶେଷ କରି ରାଜା ମହାରାଜା ଓ ଜମିଦାରମାନଙ୍କ ଗଡ଼ରେ ଥିବା ପୋଖରୀରେ ମଧ୍ୟ ପବିତ୍ର ଚନ୍ଦନ ଯାତ୍ରା ଅନୁଷ୍ଠିତ ହେବାର ବିଧି ରହିଛି।

**ବାଲେଶ୍ୱର, ମୋ-୯୩୩୭୪୦୪୨୫୪**

# ସମ୍ବାଦପତ୍ର, ସାମ୍ବାଦିକ ଓ ମହାତ୍ମା



ଅକ୍ଷୟ କୁମାର ରାଉତ

ସମ୍ବାଦପତ୍ର ଆଧୁନିକ ସଭ୍ୟତାର ଏକ ପ୍ରଧାନ ଅଙ୍ଗ, ପ୍ରତିଦିନ ପୃଥିବୀର ବିଭିନ୍ନ ସ୍ଥାନରେ ନାନା ଘଟଣା ଘଟୁଛି। ସେ ବନ୍ୟା କି ମରୁଡ଼ି, ଯୁଦ୍ଧ କି ଶାନ୍ତି, ବିଜ୍ଞାନ କି ଦର୍ଶନ, ଦୁଃଖ କି ସୁଖ, ଗଣତନ୍ତ୍ର କି ରାଜତନ୍ତ୍ର, ସାମ୍ୟବାଦ କି ପୁଞ୍ଜିବାଦ, ଏକଛତ୍ରବାଦ କି ସାମରିକ ଶାସନ, ରାଜନୈତିକ ପତନ କି ଉତ୍ଥାନ ଏ ସବୁ ବିବରଣୀ ଲୋକମାନଙ୍କ ପାଖରେ ପହଁଚାଇବାର କାର୍ଯ୍ୟ ସାମ୍ବାଦିକମାନେ ସମ୍ବାଦପତ୍ର, ବେତାର ଓ ଦୂରଦର୍ଶନ ମାଧ୍ୟମରେ ପ୍ରକାଶ କରିଥାଆନ୍ତି। ଭାରତବର୍ଷ ଓ ଅନ୍ୟାନ୍ୟ ପ୍ରାଚ୍ୟ ଦେଶଗୁଡ଼ିକଠାରୁ ପାଶ୍ଚାତ୍ୟ ଦେଶରେ ସମ୍ବାଦପତ୍ର ପାଠକଙ୍କ ସଂଖ୍ୟା ବହୁତ ବେଶୀ। ସମ୍ବାଦ ବା ଖବରକୁ ନ୍ୟୁଜ୍ କୁହାଯାଏ। ଏହି ଶବ୍ଦର ଅକ୍ଷରଗୁଡ଼ିକୁ ଲକ୍ଷ୍ୟକଲେ ଚାରି ଦିଗର ସଙ୍କେତ ବୁଝାପଡ଼େ। 'N' ଅକ୍ଷରଟି North ବା ଉତ୍ତର ଦିଗ, 'E' ଅକ୍ଷରଟି East ବା ପୂର୍ବ ଦିଗର ପ୍ରତୀକ, 'W' ବର୍ଣ୍ଣଟି ପଶ୍ଚିମ ଦିଗ ବା West ବୁଝାପଡେ। ସେହିପରି ଦକ୍ଷିଣ ଦିଗ ସ୍ଥାନରେ S ବା South କୁ ବୁଝାଯାଏ। ଏଥିରୁ ସ୍ପଷ୍ଟ ଅନୁମେୟ ଚାରିଦିଗର କଥା ସମ୍ବାଦପତ୍ର ମାଧ୍ୟମରେ 'ଖବର' ରୂପେ ପ୍ରକାଶ ପାଏ।

ଆଧୁନିକ ଯୁଗରେ ସମ୍ବାଦପତ୍ର ପାଠ କରିବା ବହୁ ବ୍ୟକ୍ତିଙ୍କର ଅଭ୍ୟାସରେ ପରିଣତ ହୋଇପଡ଼ିଛି। ଚା, ପାନ ପରି ସମ୍ବାଦପତ୍ର ପଢ଼ିବା ଏକ ନିଶାରେ ପରିଣତ ହୋଇଅଛି। ନିଶା ଦ୍ରବ୍ୟ ସେବନ କ୍ଷତିକାରକ କିନ୍ତୁ ସମ୍ବାଦପତ୍ର ପାଠ ଲୋକମାନଙ୍କର ହିତ ସାଧନ କରେ। କୃଷକମାନେ କୃଷି ସମ୍ବନ୍ଧରେ ଓ କ୍ରୀଡ଼ାପ୍ରେମୀମାନେ କ୍ରୀଡ଼ା ବିଷୟରେ ଆବଶ୍ୟକ ବିବରଣୀ ପାଇପାରନ୍ତି। ଛାତ୍ରମାନେ ଜ୍ଞାନ ଆହରଣ କରିବା ସଙ୍ଗେସଙ୍ଗେ ପରୀକ୍ଷା ସମ୍ପର୍କରେ ବିଭିନ୍ନ କଥା ଅବଗତ ହୋଇଥାଆନ୍ତି। ପାଠକ ପାଠିକା ସାହିତ୍ୟ ପ୍ରେମୀମାନେ ଗଳ୍ପ, କବିତା, ପ୍ରବନ୍ଧ ଆଲୋଚନା ଆଦି ପାଠ କରିବା ଓ ଜାଣିବାର ସୁଯୋଗ ପାଇଥାଆନ୍ତି। ସମସ୍ତ ଜୀବଜଗତର ସୁରକ୍ଷା ଓ ସ୍ୱାଧୀନତାର ରକ୍ଷା ସମ୍ବାଦପତ୍ର ଓ ସାମ୍ବାଦିକଙ୍କ ଉପରେ ପଡ଼ିଥାଏ। ରାଜତନ୍ତ୍ରର ରାଜା ଓ ଗଣତନ୍ତ୍ରର ଲୋକ ପ୍ରତିନିଧିମାନଙ୍କର କାର୍ଯ୍ୟକଳାପ ଉପରେ ସାମ୍ବାଦିକମାନେ ନଜର ରଖିଥାଆନ୍ତି। ଶାସନ କର୍ତ୍ତୃପକ୍ଷ, ରାଜନୀତିଜ୍ଞ ଓ ସର୍ବସାଧାରଣ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବ୍ୟକ୍ତିଗଣ ଏବଂ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ସମ୍ବାଦପତ୍ର ଓ ସାମ୍ବାଦିକମାନେ ଦେଇଥିବା ଜନମତ ଦ୍ୱାରା ନିଜ ନିଜର ତ୍ରୁଟି ବୁଝି ପାରି ନିଜେ ନିଜକୁ ସଂଶୋଧିତ କରିଥାଆନ୍ତି। କିନ୍ତୁ ଅସଲ କଥାଟି ହେଉଛି ସାମ୍ବାଦିକ ଗଣମାଧ୍ୟମର ଅଂଶ ସିନା, ଏହାର ମାଲିକାନା ଅନ୍ୟ କାହା ପାଖରେ ଥାଏ। କିଛି ସାମ୍ବାଦିକ ଦରମା ପାଇଥାଆନ୍ତି ତ ଆଉ କିଛି ମାଗଣା ଖଟନ୍ତି। ସକାଳ ସମୟରେ ବିତରକ ତ ସନ୍ଧ୍ୟାରେ ସାମ୍ବାଦିକ। ସକାଳ ଚାକିରି ସଞ୍ଜକୁ ନାହିଁ। ସାମ୍ବାଦିକତା ମାଲିକାନାର ଏକ ସଖୀ କଣ୍ଢେଇ ପାଲଟିଥାଏ। ଏଇତ ଆମର ବିଡମ୍ବନା ଚତୁର୍ଥ ସ୍ତମ୍ଭ ନିମ୍ନଗାମୀ କିନ୍ତୁ ଅନ୍ୟ ତିନୋଟି ସ୍ତମ୍ଭ ଯଥା - ବିଧାନ ପାଳିକା, କାର୍ଯ୍ୟ ପାଳିକା, ନ୍ୟାୟ ପାଳିକା ବିଳାସବ୍ୟସନରେ ବିମଣ୍ଡିତ ହୋଇଥାଏ। ସାମ୍ବାଦିକଟି ଶୋଷିତ ହୁଏ, ତାର ଆକୁଳତାକୁ କେହି ବୁଝନ୍ତିନି। କେଉଁଠି ଦାରିଦ୍ର୍ୟର କଷାଘାତରେ ପେଷି ହୋଇ ରୋଗ, ଶୋକ ଓ ମୃତ୍ୟୁକୁ ଆଦରି ନିଏ। ସବୁ ଶାସନତନ୍ତ୍ରରେ ଅସହାୟା ଦ୍ରୌପଦୀକୁ ଯନ୍ତ୍ରଣା ଦେଇ ପାଶବିକ କ୍ଷୁଧା ମେଣ୍ଟାନ୍ତି ଦୁର୍ଯ୍ୟୋଧନମାନେ, କେଉଁଠି ସାଧାରଣ ଜନତା ଛଳନାର ଶିକାର ହୁଏ ମୃତ୍ୟୁକୁ ସାମ୍ନା କରେ ଜଉଘରେ। କେଉଁଠି ପିଲା ବିକ୍ରି ତ କେଉଁଠି ମାଦକଦ୍ରବ୍ୟ ସାଙ୍ଗରେ ରାଜନୈତିକ ହିଂସା, ଏସବୁର ଦରଦୀ ବନ୍ଧୁଟିଏ ହେଉଛି ଗଣମାଧ୍ୟମ। ଯିଏ ଅହରହ ଜନତାଙ୍କ ପାଖରେ ରହି ଗଣତନ୍ତ୍ରର ମୂଲ୍ୟବୋଧକୁ ବଞ୍ଚାଇବାକୁ ଚେଷ୍ଟାକରେ, ଯାହାର ମସୀ ଅସୀ ଠାରୁ ବଳିୟାନ ହୋଇଉଠେ ସେ ସାମ୍ବାଦିକ ହେଉଛି ସମାଜ ଓ ଜୀବଜଗତର ଜାଗ୍ରତ ପ୍ରହରୀ।

ଚତୁର୍ଥ ସ୍ତମ୍ଭ ଗଣମାଧ୍ୟମର ଉତ୍ତର ଦାୟିତ୍ୱ ସବୁଠାରୁ ବେଶୀ। ବର୍ତ୍ତମାନ ଯୁଗରେ ସମ୍ବାଦ ଓ ସାମ୍ବାଦିକତାର ଗୁରୁତ୍ୱ ଯଥେଷ୍ଟ। ସମୟ ଥିଲା ପ୍ରସ୍ତର ଯୁଗରେ ମନୁଷ୍ୟ ତାର ଲିପି ପଥର ଉପରେ ଖୋଦିତ କରୁଥିଲା, କ୍ରମେ ତାଳପତ୍ର ଓ ଭୂର୍ଜପତ୍ରରେ ସାହିତ୍ୟ ଓ ସଂସ୍କୃତି ସଂରକ୍ଷଣର ଏକମାତ୍ର ମାଧ୍ୟମ ପାଲଟିଥିଲା। ମୁଦ୍ରଣ ଯନ୍ତ୍ରର ପରିକଳ୍ପନା ପରେ ଭାରତବର୍ଷରେ ଛାପା କାର୍ଯ୍ୟ ଆରମ୍ଭ ହେଲା। ପ୍ରଥମ ସମ୍ବାଦପତ୍ର ଭାବେ ୧୭୮୦ ଖ୍ରୀ.ଅ.ରେ 'ଦି ବେଙ୍ଗଲ ଗେଜେଟ' ପ୍ରକାଶ ପାଇଲା। ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଅୟଆରମ୍ଭରେ ସମ୍ବାଦପତ୍ରର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। ୧୯୧୯ରୁ ୧୯୪୭ ମଧ୍ୟବର୍ତ୍ତୀ ସମୟରେ ଭାରତୀୟ ସମ୍ବାଦପତ୍ର ମହାତ୍ମା ଗାନ୍ଧିଙ୍କ ଲେଖନି ଦ୍ୱାରା ସମୃଦ୍ଧ ହୋଇ ସମାଜରେ ଏକ ପରିବର୍ତ୍ତନ ଆଣିଦେଲା। ଗାନ୍ଧିଙ୍କ ଦ୍ୱାରା ଲୋକମାନେ ପ୍ରଭାବିତ ହେଲେ ଫଳରେ ରାଜନୈତିକ ଓ ସାମାଜିକ କ୍ଷେତ୍ରରେ ଯୁଗାନ୍ତକାରୀ ପରିବର୍ତ୍ତନ ଘଟିଲା। ଗାନ୍ଧୀଜୀ ପାଞ୍ଚଟି ସମ୍ବାଦପତ୍ର ବା ପତ୍ରିକାର ପ୍ରତିଷ୍ଠାତା ସମ୍ପାଦକ ଥିଲେ। ପରୋକ୍ଷ ଭାବରେ ଗାନ୍ଧୀଜୀ ଅଧିକାଂଶ ଭାରତୀୟ ସମ୍ବାଦପତ୍ର ସହ ଜଡ଼ିତ ଥିଲେ। 'ଇଣ୍ଡିଆନ୍ ଓପିନିୟନ' ଖବରକାଗଜ ଓ 'ୟଙ୍ଗ୍ ଇଣ୍ଡିଆ' ଏବଂ ନବଜୀବନ ପତ୍ରିକାର ପରିଚାଳନାର ଭାର ଗ୍ରହଣ କଲାପରେ ଗାନ୍ଧୀଜୀ ଲୋକମାନଙ୍କୁ ସତ୍ୟାଗ୍ରହ ବିଷୟରେ ଶିକ୍ଷା ଦେଲେ। ୟଙ୍ଗ ଇଣ୍ଡିଆରେ ପ୍ରକାଶିତ କେତୋଟି ପ୍ରବନ୍ଧ ସରକାର ବିରୋଧୀ ଥିବାରୁ ଗାନ୍ଧୀଜୀଙ୍କୁ ୬ ବର୍ଷ ଜେଲ୍ ଯିବାକୁ ପଡ଼ିଥିଲା। ଗାନ୍ଧୀଙ୍କର ଲେଖା ପ୍ରକାଶ କରିବା ପାଇଁ ବିଦେଶୀ ଓ ଦେଶୀୟ ସମ୍ବାଦପତ୍ର ଗୁଡ଼ିକ ମଧ୍ୟରେ ପ୍ରତିଯୋଗିତା ଲାଗୁଥିଲା। ଗାନ୍ଧୀଜୀ ସର୍ବଦା କହୁଥିଲେ ସମ୍ବାଦପତ୍ର ଗୁଡ଼ିକ ସର୍ବଦା ନିର୍ଭୀକ ଓ ସତ୍ୟ ସମ୍ବାଦ ପରିବେଷଣ କରିବା ଉଚିତ୍। ୧୯୩୨ରେ ସେ ଜେଲ୍‌ରେ ଥିବା ସମୟରେ 'ହରିଜନ' ପତ୍ରିକାର ଆରମ୍ଭ କରିଥିଲେ। ଦଳିତମାନଙ୍କର ଅଧିକାର ଓ ସାମାଜିକ ସଂସ୍କାର ପାଇଁ ଏହି 'ହରିଜନ' ପତ୍ରିକାକୁ ଆୟୁଦ୍ଧ ରୂପେ ବ୍ୟବହାର କରିଥିଲେ। ଗାନ୍ଧୀଜୀ ଯେଉଁ ନିତୀ ନିୟମରେ ସାମ୍ବାଦିକତା ଓ ସମ୍ପାଦନା କରୁଥିଲେ ତାହା ବର୍ତ୍ତମାନ ଯୁଗରେ ସମ୍ଭବ ନୁହେଁ। ସମ୍ବାଦପତ୍ର ଏକ ମଙ୍ଗଳକାରୀ ଶକ୍ତି। ତାହା ସର୍ବଦା ଜୀବଜଗତର ହିତ ପାଇଁ। ଯଦି ସମ୍ବାଦପତ୍ର ଅଯୋଗ୍ୟ ହାତରେ ନିୟନ୍ତ୍ରିତ ହୁଏ, ତାହା ସମାଜର କ୍ଷତିସାଧନ କରେ।

ଓଡିଆ ଭାଷାର ପ୍ରଥମ ପତ୍ରିକା 'ଜ୍ଞାନରୁଣ' ତାପରେ 'ସରକାରୀ ଗେଜେଟ୍'। ୧୮୫୬ରେ ପ୍ରକାଶ ପାଇଲା ପ୍ରବୋଧ ଚନ୍ଦ୍ରିକା। ତାହା ପ୍ରକୃତରେ ଥିଲା ଓଡିଆ ଭାଷାର ପ୍ରଥମ ସାହିତ୍ୟ ପତ୍ରିକା। ୧୮୬୬ ମସିହାରେ ନଅଙ୍କ ଦୁର୍ଭିକ୍ଷ ସମୟରେ ଜନ୍ମ ନେଲା ସ୍ୱଦେଶୀ ପତ୍ରିକା 'ଉତ୍କଳ ଦୀପିକା'। ଯାହାର ପ୍ରତିଷ୍ଠାତା ସଂପାଦକ ଥିଲେ କର୍ମବୀର ଗୌରୀଶଙ୍କର ରାୟ। ଏହି ଠାରୁ ଆରମ୍ଭ ହେଲା ଓଡିଆ ଭାଷା ସାହିତ୍ୟ ସଂସ୍କୃତିର ଅଗ୍ରଗତି ପାଇଁ ପ୍ରାଥମିକ ଉଦ୍ୟମ। ବଙ୍ଗଳା ଭାଷାର ପ୍ରାବଲ୍ୟ ଯୋଗୁ ଆରମ୍ଭ ହୋଇଗଲା ଓଡିଆ ଭାଷାକୁ ସଂପୂର୍ଣ୍ଣ ବିଲୋପ କରିଦେବାର ଜଘନ୍ୟ ଷଡଯନ୍ତ୍ର। ଏହି ସମୟରେ ଫକୀର ମୋହନଙ୍କ 'ବୋଧଦାୟିନୀ' ଓ 'ବାଲେଶ୍ୱର ସମ୍ବାଦ ବାହିକା'। ଓଡିଆ ଭାଷାର ସୁରକ୍ଷା ପାଇଁ ଏହି ପତ୍ରିକା ଥିଲା ଆଲୋକ ବର୍ତ୍ତିକା।

ସମ୍ବାଦପତ୍ର ହେଉଛି ଦେଶ ଓ ସମାଜ ଗଢ଼ିବାର ଏକ ଦୁର୍ବାର ଅମୋଘ ଅସ୍ତ୍ର। ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ତାର ଯଥାର୍ଥ ଉପଯୋଗିତାକୁ ବିନିଯୋଗ କଲେ ଦେଶ, ଜାତି ଓ ବିଶ୍ୱର ସମାଜ କଲ୍ୟାଣ ସାଧିତ ହେବ। ସୁସ୍ଥ ସମାଜ ତଥା ଉନ୍ନତ ରାଷ୍ଟ୍ର ଗଠନରେ ସମ୍ବାଦପତ୍ର ଓ ସାମ୍ବାଦିକଙ୍କ ଭୂମିକା ଯେ ସ୍ୱତନ୍ତ୍ର ଏହା ସ୍ୱୀକାର୍ଯ୍ୟ।

**ପାରାଦ୍ୱୀପଗଡ, କୁଜଙ୍ଗ, ଜଗତ୍‌ସିଂହପୁର ୯୯୩୭୬୯୧୪୭୫**

# ସମସ୍ୟା ଅନେକ : ବିଶ୍ୱ ଶ୍ରମିକ ଦିବସ

ଅଲେଖ ଚନ୍ଦ୍ର ସାମଲ

ଆଜି ବିଶ୍ୱ ଶ୍ରମ ଦିବସ। ଶ୍ରମଶକ୍ତିକୁ ନେଇ ଏବଂ ଶ୍ରମିକଙ୍କ କଲ୍ୟାଣ ପାଇଁ ଏହି ଦିବସରେ ଅନେକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ। କିନ୍ତୁ ବାସ୍ତବ କଥା ସମ୍ପୂର୍ଣ୍ଣ ଭିନ୍ନ। ଏବେ ବି ସମାଜର ସବୁଠୁ ଅବହେଳିତ ବର୍ଗ ଭାବେ ଏ ଶ୍ରମିକମାନେ ପରିଚିତ। ଏବେ ବି ସେମାନେ ଶୋଷିତ ଓ ନିର୍ଯାତିତ ହେଉଛନ୍ତି। ଅନେକ ଘଟଣା ଲୋକଲୋଚନକୁ ଆସେ ଆଉ କିଛି ଘଟଣା ମଧ୍ୟ ଅଭିଯୋଗ ଭିତରେ ହିଁ ଚାପି ହୋଇଯାଏ। ଶ୍ରମିକ ଯେଉଁମାନେ ନିର୍ମାଣ କରିଥାନ୍ତି ବିଶ୍ୱକୁ। ରାତି ଦିନ ଏକ କରି ମୁଣ୍ଡଝାଳ ତୁଣ୍ଡରେ ମାରି ଅକ୍ଳାନ୍ତ ପରିଶ୍ରମ କରିଥାନ୍ତି। ଖରା, ବର୍ଷା, ଶୀତ ହେଉ ଅବା କାକର କାହାର ବି ପ୍ରଭାବ କାଟୁ କରି ନଥାଏ ଏମାନଙ୍କୁ। ସମାଜର ତଳସ୍ତରରେ ରହି ସମାଜ ଗଠନରେ ଏକ ଗୁରୁ ଦାୟିତ୍ୱ ନେଇଥାନ୍ତି ଏହି ଶ୍ରମିକମାନେ। ଶ୍ରମିକମାନେ ହେଲେ ଆଧୁନିକ ଯୁଗର ବିଶ୍ୱକର୍ମା। ଏମାନଙ୍କ ବିନା ସୃଷ୍ଟିର କଳନା କରିବା ବୃଥା। ହେଲେ ଦୁନିଆକୁ ଗଢୁଥିବା ଏହି ଶ୍ରମିକର ମୁଣ୍ଡ ଗୁଞ୍ଜିବାକୁ ବି ନଥାଏ ନିଜସ୍ୱ ଏକ ଘର। ୧୮୮୬ ମସିହାରେ ପ୍ରଥମେ ଶ୍ରମିକଙ୍କ କାର୍ଯ୍ୟ ସମୟ ୧୨ରୁ ୧୬ ଘଣ୍ଟା ପରିବର୍ତ୍ତେ ଆଠ ଘଣ୍ଟାକୁ କମାଇବା ନେଇ ଶ୍ରମିକ ଆନ୍ଦୋଳନ ମୁଣ୍ଡ ଟେକିଥିଲା। ଏହା ପରଠାରୁ ଶ୍ରମ ଆଇନ ଗଠନ କରାଯାଇ ଶ୍ରମିକମାନେ ଆଠଘଣ୍ଟା କାର୍ଯ୍ୟ, ଆଠଘଣ୍ଟା ବିଶ୍ରାମ ଓ ଆଠ ଘଣ୍ଟା ମନୋରଞ୍ଜନ କରିବେ ବୋଲି ଘୋଷଣା କରାଯାଇଥିଲା। ତେବେ ଆଜିର ନବ ଉଦାରବାଦୀ ଅର୍ଥନୀତି ଭିତରେ ଶ୍ରମ ଆଇନରେ ପରିବର୍ତ୍ତନ ଦେଖାଦେଇଛି। ନୂଆ ନୂଆ ବିଦେଶୀ କମ୍ପାନୀଙ୍କ ପ୍ରବେଶ ପରେ ସେଠାରେ ଶ୍ରମିକମାନଙ୍କୁ ଆଠଘଣ୍ଟା ପରିବର୍ତ୍ତେ ୧୨ଘଣ୍ଟାରୁ ୧୬ ଘଣ୍ଟା ପର୍ଯ୍ୟନ୍ତ ପରିଶ୍ରମ କରିବାକୁ ବାଧ୍ୟ କରାଯାଉଛି। କିନ୍ତୁ ସେମାନଙ୍କ ସୁରକ୍ଷା ଓ ସ୍ୱାର୍ଥରକ୍ଷା ପ୍ରତି କିଛି ବି ପଦକ୍ଷେପ ନିଆଯାଉନାହିଁ। ଶ୍ରମିକମାନଙ୍କୁ କାର୍ଯ୍ୟକ୍ଷେତ୍ରରେ ଜୋତା, ଗ୍ଲୋବସ୍ ଓ ହେଲମେଟ୍ ଯୋଗାଇ ଦେବାକୁ ଘୋଷଣା କରିଥିଲେ। ସେସବୁ ଶତ ପ୍ରତିଶତ କାର୍ଯ୍ୟକାରୀ ହୋଇନାହିଁ। ରାଜ୍ୟ ବର୍ତ୍ତମାନ ପାଖାପାଖି ୬ ଲକ୍ଷ ନିର୍ମାଣ ଶ୍ରମିକ ପଞ୍ଜିକୃତ ହୋଇଛନ୍ତି। କେବଳ ମାଟି ଖୋଳୁଥିବା ଓ ଘର କରୁଥିବା ଲୋକେ ଶ୍ରମିକ ନୁହନ୍ତି, ଏମିତିକି ଚାକିରୀ କ୍ଷେତ୍ରରେ ମଧ୍ୟ କାର୍ଯ୍ୟରତ ସମସ୍ତ କର୍ମଚାରୀ ଯେଉଁମାନଙ୍କର କି ନିରାପତ୍ତା ନାହିଁ ସେମାନେ ଜଣେ ଜଣେ ଶ୍ରମିକ। ଏ ସଭିଁଏ ହେଉଛନ୍ତି ଅଣସଂଗଠିତ ଶ୍ରମିକ। ଭାରତ ବର୍ଷରେ ଥିବା ଶ୍ରମିକମାନଙ୍କ ମଧ୍ୟରେ ୯୩ ପ୍ରତିଶତ ହେଉଛନ୍ତି ଏହି ଅଣସଂଗଠିତ ଶ୍ରମିକ ଶ୍ରେଣୀର। କିନ୍ତୁ ଏମାନଙ୍କୁ ଆଜି ପର୍ଯ୍ୟନ୍ତ ଶ୍ରମ ନିୟମର ଅନ୍ତର୍ଭୁକ୍ତ କରାଯାଇନାହିଁ। ରାଜ୍ୟରେ କାର୍ଯ୍ୟରତ ସମସ୍ତ ଶ୍ରମିକଙ୍କୁ ପଞ୍ଜିକୃତ କରାଇ ସେମାନଙ୍କୁ ବିଭିନ୍ନ ସୁବିଧା ସୁଯୋଗ ଯୋଗାଇ ଦେବା ପାଇଁ ସରକାରୀସ୍ତରରେ ଯୋଜନାମାନ କରାଯାଇଛି। ନିର୍ମାଣ ଶ୍ରମିକଙ୍କୁ ଭତ୍ତା, ପେନ୍‌ସନ, ଘର ନିର୍ମାଣ ପାଇଁ ଏକ ଲକ୍ଷ ଟଙ୍କା, ଦୁର୍ଘଟଣାଜନିତ ମୃତ୍ୟୁ ସହାୟତା ରାଶି ୨ ଲକ୍ଷ ଟଙ୍କା ଯୋଗାଇ ଦିଆଯାଉଛି। ହେଲେ କେତେକ ସ୍ଥଳରେ ପ୍ରକୃତ ହିତାଧିକାରୀ ଏସବୁ ସୁବିଧାରୁ ବଞ୍ଚିତ ହେଉଛନ୍ତି। ପ୍ରତିବର୍ଷ ଏପରି ଶ୍ରମିକ ଦିବସ ପାଳନ ଚାଲିଥିବାବେଳେ ଦାଦନ ସମସ୍ୟା ସୁଧାରିବାକୁ ନେତାଏ ଭୁଲି ଯାଉଛନ୍ତି। ରାଜ୍ୟ ବାହାରକୁ କେତେ ଶ୍ରମିକ ଦାଦନ ଖଟିବାକୁ ଯାଉଛନ୍ତି ତାହା ଆଜି ପର୍ଯ୍ୟନ୍ତ ପଞ୍ଜିକୃତ କରାଯାଇନାହିଁ। ଗୋଟିଏ ପଟେ ଶ୍ରମିକ ଦିବସରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ଖୁସି ମନାଯାଉଥିବା ବେଳେ ଅପର ପକ୍ଷରେ ଦାଦନ ଖଟି ଅଙ୍ଗ ହରାଉଛି ଶ୍ରମିକ। ଆଉ ଏକ ଘଟଣା ପରେ ପିଡ଼ିତଙ୍କୁ ସହାୟତା ରାଶି ଧରେଇ ଦେଇ ଘଟଣାକୁ ଚାପି ଦିଆଯାଉଛି। କିନ୍ତୁ ଏହି ଘଟଣାର ସମ୍ପୂର୍ଣ୍ଣ ମୂଳୋତ୍ପାଟନ ପାଇଁ ସରକାରୀସସ୍ତରରେ ଇଚ୍ଛାଶକ୍ତିର ଯେ ଅଭାବ ରହୁଛି, ତାହା ବର୍ତ୍ତମାନର ଶ୍ରମିକ ସମସ୍ୟା ସ୍ପଷ୍ଟ ସୂଚିତ କରୁଛି।

**ପୂର୍ବତନ ଡିଏଫ୍‌ଓ , ପଳାଇ, ବାଲିଚନ୍ଦ୍ରପୁର, ଯାଜପୁର, ଦୂରଭାଷ : ୯୪୩୭୨୫୭୧୨୩**

# ବ୍ୟାସକବିଙ୍କ ପ୍ରତି ମନ୍ତବ୍ୟକୁ ନେଇ ପ୍ରତିବାଦ, କୁଶପୁତ୍ତଳିକା ଦାହ



**ବାଲେଶ୍ୱର, ୩୧।୫ :** ବ୍ୟାସକବି ଫକୀରମୋହନ ସେନାପତିଙ୍କ ସମ୍ପର୍କରେ ବିଜେପି ଯୁବ ମୋର୍ଚ୍ଚାର ରାଜ୍ୟ ସଭାପତି ଅଭିଳାଷ ପଣ୍ଡା ଦେଇଥିବା କଥିତ ଅପମାନଜନକ ମନ୍ତବ୍ୟକୁ ବିରୋଧ କରି ବାଲେଶ୍ୱର ଜିଲ୍ଲା ଯୁବ କଂଗ୍ରେସ ଓ ଛାତ୍ର କଂଗ୍ରେସ ପକ୍ଷରୁ ରବିବାର ପ୍ରତିବାଦ କରାଯାଇଥିଲା। ଏହି ଅବସରରେ ଶ୍ରୀ ପଣ୍ଡାଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଜିଲ୍ଲା ଯୁବ କଂଗ୍ରେସ ସଭାପତି ଇଂ. ରଞ୍ଜନ ଦାସ ଓ ଛାତ୍ର କଂଗ୍ରେସ ସଭାପତି ଗୌତମ ସାହୁଙ୍କ ନେତୃତ୍ୱରେ ବିଦ୍ୟୁତ ମାର୍ଗ ରେଳ ଓଭରବ୍ରିଜ ଛକରୁ ଏକ ଶୋଭାଯାତ୍ରା ବାହାରି ଷ୍ଟେସନ ଛକରେ ପହଞ୍ଚିଥିଲା। ସେଠାରେ କର୍ମୀମାନେ ଶ୍ରୀ ପଣ୍ଡାଙ୍କ ବିରୋଧରେ ସ୍ଲୋଗାନ ଦେବା ସହ କୁଶପୁତ୍ତଳିକା ଦାହ କରିଥିଲେ। ବକ୍ତାମାନେ କହିଥିଲେ ଯେ, ବଙ୍ଗୀୟ ଷଡ଼ଯନ୍ତ୍ରକାରୀଙ୍କ କବଳରୁ ଓଡ଼ିଆ ଭାଷାକୁ ସୁରକ୍ଷା ଦେଇଥିବା ଏବଂ ଓଡ଼ିଆ ଅସ୍ମିତାର ପ୍ରତୀକ ବ୍ୟାସକବି ଫକୀରମୋହନ ସେନାପତିଙ୍କ ପ୍ରତି ଅସମ୍ମାନଜନକ ମନ୍ତବ୍ୟ ଅତ୍ୟନ୍ତ ନିନ୍ଦନୀୟ। ଏପରି ମନ୍ତବ୍ୟ ଓଡ଼ିଶାବାସୀଙ୍କ ଭାବନାକୁ ଆଘାତ ଦେଇଛି ବୋଲି ସେମାନେ କହିଥିଲେ। ଶ୍ରୀ ପଣ୍ଡା ତୁରନ୍ତ ସାର୍ବଜନୀନ ଭାବେ କ୍ଷମା ପ୍ରାର୍ଥନା କରିବାକୁ ଦାବି କରାଯାଇଥିଲା।ଏହି କାର୍ଯ୍ୟକ୍ରମରେ ଯୁବ ନେତା ସରୋଜ କୁମାର ଲେଙ୍କାଙ୍କ ସମେତ ବହୁ ଯୁବ ଓ ଛାତ୍ର କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

## ଜିଲ୍ଲା ପୋଲିସରେ ଅଦଳବଦଳ

# ୩ ଅଧିକାରୀଙ୍କୁ ବଦଳି

## ■ ୨ ଏସ୍‌ଡିପିଓଙ୍କୁ ପଦୋନ୍ନତି

**ବାଲେଶ୍ୱର,୩୧।୫ :** ଜିଲ୍ଲା ପୁଲିସ ବିଭାଗରେ ବ୍ୟାପକ ଅଦଳବଦଳ ହୋଇଛି। ରାଜ୍ୟ ସରକାରଙ୍କ ଗୃହ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ବାଲେଶ୍ୱର ଜିଲ୍ଲା ସହ ସମ୍ପୃକ୍ତ ୬ ଜଣ ପୁଲିସ ଅଧିକାରୀଙ୍କ ବଦଳି ଓ ପଦୋନ୍ନତି କରାଯାଇଛି।ଜିଲ୍ଲା ଗୁଇନ୍ଦା ବିଭାଗରେ କାର୍ଯ୍ୟରତ ଅତିରିକ୍ତ ଏସ୍‌ପି ଦେବଜୀତ ଭଟ୍ଟାଚାର୍ଯ୍ୟଙ୍କୁ କଟକସ୍ଥିତ ପୁଲିସ ମୁଖ୍ୟାଳୟକୁ ବଦଳି କରାଯାଇଛି। ସେହିପରି ଜିଲ୍ଲା ପୁଲିସ ମୁଖ୍ୟାଳୟର ଅତିରିକ୍ତ ଏସ୍‌ପି ଗାୟତ୍ରୀ ପ୍ରଧାନଙ୍କୁ ଭଦ୍ରକ ଜିଲ୍ଲାରେ ଅତିରିକ୍ତ ଏସ୍‌ପି ଭାବେ ନିଯୁକ୍ତି ମିଳିଛି। ଜିଲ୍ଲା ଗୃହରକ୍ଷୀ ଡିଏସ୍‌ପି ଯୋଗେଶ୍ୱର ଓରାମଙ୍କୁ ସମ୍ବଲପୁରରେ ଅତିରିକ୍ତ ଏସ୍‌ପି ଭାବେ ବଦଳି କରାଯାଇଛି।ଅନ୍ୟପଟେ ବସ୍ତା ଉପଖଣ୍ଡ ପୁଲିସ ଅଧିକାରୀ (ଏସ୍‌ଡିପିଓ) ମାନସ କୁମାର ଦେଓଙ୍କୁ ପଦୋନ୍ନତି ଦେଇ ତାଳଚେର ଆଇଜି କାର୍ଯ୍ୟାଳୟରେ ଅତିରିକ୍ତ ଏସ୍‌ପି ଭାବେ ନିଯୁକ୍ତ କରାଯାଇଛି। ନୀଳଗିରି ଏସ୍‌ଡିପିଓ ପ୍ରମୋଦ କୁମାର ମଲ୍ଲିକଙ୍କୁ ମଧ୍ୟ ପଦୋନ୍ନତି ଦେଇ ବାଲେଶ୍ୱର ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଅତିରିକ୍ତ ଏସ୍‌ପି ଭାବେ ନିଯୁକ୍ତି ଦିଆଯାଇଛି।ସେହିଭଳି କ୍ରାଇମବ୍ରାଞ୍ଚରେ ଡିଏସ୍‌ପି ଭାବେ କାର୍ଯ୍ୟରତ ପରେଶ କୁମାର ରାଉତଙ୍କୁ ବାଲେଶ୍ୱର ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଅତିରିକ୍ତ ଏସ୍ ?ପି ଭାବେ ନିଯୁକ୍ତ କରାଯାଇଛି।ଏ ସମ୍ପର୍କରେ ରାଜ୍ୟ ସରକାରଙ୍କ ଗୃହ ବିଭାଗ ପକ୍ଷରୁ ଚିଠି ସଂଖ୍ୟା ୧୯୦୦୭ ମାଧ୍ୟମରେ ଅତିରିକ୍ତ ସଚିବ ସୂଚନା ପ୍ରଦାନ କରିଛନ୍ତି।

# କେମିକାଲ କମ୍ପାନୀରେ ଭୟାବହ ଅଗ୍ନିକାଣ୍ଡ, ଜଣେ ଶ୍ରମିକଙ୍କ ମୃତ୍ୟୁ



**ବାଲେଶ୍ୱର, ୩୧।୫(ଖବର):** ବାଲେଶ୍ୱର ସହର ଆଇଟିଆଇ ରୋଡ ସ୍ଥିତ ଶିଳ୍ପାଞ୍ଚଳରେ ଥିବା ବାୟୋସେମ୍ କେମିକାଲ କମ୍ପାନୀରେ ରବିବାର ଏକ ଭୟାବହ ଅଗ୍ନିକାଣ୍ଡ ଘଟିଛି। ପ୍ରାଥମିକ ତଦନ୍ତରୁ ସର୍ଟ ସର୍କିଟ ଯୋଗୁଁ ଏହି ଅଗ୍ନିକାଣ୍ଡ ଘଟିଥିବା ଜଣାପଡ଼ିଛି। ଅଗ୍ନିକାଣ୍ଡର ଖବର ପାଇ ଅଗ୍ନିଶମ ବିଭାଗର ଟିମ୍ ଓ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଯୁଦ୍ଧକାଳୀନ ଭିତ୍ତିରେ ଅଗ୍ନି ନିର୍ବାପନ କାର୍ଯ୍ୟ ଆରମ୍ଭ କରିଥିଲେ। ଅଗ୍ନିକୁ ଆୟତ୍ତ କରିବା ପରେ ଭିତରୁ ଜଣେ ଶ୍ରମିକଙ୍କୁ ଉଦ୍ଧାର କରାଯାଇଥିଲା। ତେବେ ତାଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାକୁ ନିଆଯାଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକ ଜଣକ ହେଲେ ଭଦ୍ରକ ଜିଲ୍ଲା ଧାମନଗର ଅଞ୍ଚଳର କୈଳାସ ବେହେରା। ଅଗ୍ନିକାଣ୍ଡରେ କମ୍ପାନୀର ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ସୂଚନା ମିଳିଛି। ଘଟଣାର ସଠିକ କାରଣ ଓ କ୍ଷୟକ୍ଷତିର ପରିମାଣ ଜାଣିବା ପାଇଁ ଅଗ୍ନିଶମ ବିଭାଗ ଓ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି।

# ସାମ୍ବାଦିକ ସଙ୍ଘ ଓ ପ୍ରଶାସନର ମିଳିତ ରକ୍ତଦାନ ଶିବିର



**ଆଠମଲ୍ଲିକ,୩୧।୫ :** ଆଠମଲ୍ଲିକ ଉପଖଣ୍ଡ ଚିକିତ୍ସାଳୟ ପରିସରରେ ଅନୁଗୁଳ ଜିଲ୍ଲା ସାମ୍ବାଦିକ ୟୁନିୟନ(ଏ ଡ଼ି ୟଜେ ), ଆଠମଲ୍ଲିକ ପୋଲିସ ଓ ଆଠମଲ୍ଲିକ ବନ ବିଭାଗ ମିଳିତ ଆନୁକୂଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଭାବରେ ଉପଜିଲ୍ଲାପାଳ ଉପେନ୍ଦ୍ର ଲୁହା ଫିତା କାଟି ଶିବିରକୁ ଉଦଘାଟନ କରି ରକ୍ତଦାତା ଙ୍କୁ ଫୁଲ ତୋଡ଼ା ଦେଇ ଉତ୍ସାହିତ କରିଥିଲେ । ଏହି ଉଦ୍ଘାଟନୀ କାର୍ଯ୍ୟକ୍ରମରେ କ୍ରିମିନାଲ କୋର୍ଟ ବାର ଆସୋସିଏସନର ସଭାପତି ଅଞ୍ଜନ କୁମାର ପ୍ରଧାନ, ସମ୍ପାଦକ ସବ୍ୟସାଚୀ ସିଂ ସାମନ୍ତ, ପ୍ରମୁଖ ଉପସ୍ଥିତ ଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଏ ସ ଡ଼ି ପି ଓ ସୁଶାନ୍ତ କୁମାର ତାଉଡ଼ିଆ, ନିର୍ବାହୀ ଅଧିକାରୀ ଚନ୍ଦ୍ରକାନ୍ତ ବେହେରା, ରେଞ୍ଜର ସୁନୀଲ କୁମାର ସାହୁ ଯୋଗ ଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଏହି ଶିବିର ରେ ୩୬ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା । ଡାକ୍ତର କୁମାର ସୌରଭ ସବ୍ୟସାଚୀ ବେଉରା ରକ୍ତଦାତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିବା ବେଳେ ନର୍ସିଂ ଅଫିସର ସ୍ନିଗ୍ଧାରାଣୀ ସିଂ, ବ୍ଲଡ଼ ବ୍ୟାଙ୍କ କର୍ମଚାରୀ ରବୀନ୍ଦ୍ର ମହାନ୍ତି,ମୁକେଶ ଦେହୁରୀ , ରାକେଶ ଦତ୍ତ, ଛାତ୍ର ଅଂଶୁମାନ ପଣ୍ଡା ଶିଶୁ ସ୍ୱେଚ୍ଛାସେବୀ ଅନ୍ୱେଷ କୁମାର ହୋତା ପ୍ରମୁଖ ରକ୍ତ ସଂଗ୍ରହ ରେ ସହଯୋଗ କରିଥିଲେ । ସର୍ବଦା ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ରେ ରକ୍ତଦାନ ଓ ସହଯୋଗ କରି ଆସୁଥିବା ଠାକୁରଗଡ଼ ଅଞ୍ଚଳ ର ଯୁବ ସ୍ୱେଚ୍ଛାସେବୀ ଅଶ୍ୱିନୀ କୁମାର ସ୍ୱାଇଁ କୁ ସାମ୍ବାଦିକ ସଙ୍ଘ ତରଫରୁ ଉତ୍ତରୀୟ ଓ ପୁଷ୍ପ ଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଶିବିର କୁ ଏ ଡ଼ି ୟୁ ଜେ ସାମ୍ବାଦିକ ସଙ୍ଘ ଅନୁଗୁଳ ସଭାପତି ଅଜିତ କୁମାର ଧର, ସମ୍ପାଦକ ସ୍ୱାଧୀନ ସାମଲ ଓ ଆଠମଲ୍ଲିକ ଶାଖା ତରଫରୁ ଉପସଭାପତି କମଳାକାନ୍ତ ମିଶ୍ର, ବରିଷ୍ଠ ସାମ୍ବାଦିକ ଉଦିପ୍ତ ପୁରୋହିତ, ବିନୟ କୁମାର ପଟ୍ଟନାୟକ, ଶତ୍ରୁଘ୍ନ ସାହୁ,ସୁବାଷ ଶତପଥି, ସୁବୋଧ ମିଶ୍ର, ବୁଲୁ ଦଳେଇ, ଧନଞ୍ଜୟ ନାୟକଙ୍କ ସମେତ ଅନୁଗୁଳ ଜିଲ୍ଲା ସାମ୍ବାଦିକ ୟୁନିୟନ(ଏ ଡ଼ି ୟୁ ଜେ) ର ସଦସ୍ୟ ଗଣ ଉପସ୍ଥିତ ରହି ପରିଚାଳନା ରେ ସହଯୋଗ କରିଥିଲେ ।

# ସଙ୍ଘରେ ସାମିଲ ହେଲେ ୪ ସାମ୍ବାଦିକ



**ଆଠମଲ୍ଲିକ,୩୧।୫ :** ଅନୁଗୋଳ ଜିଲ୍ଲା ସାମ୍ବାଦିକ ସଙ୍ଘ ଏ. ଡ଼ି.ୟୁ.ଜେ. ସଙ୍ଘ ତରଫରୁ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକ ରେ ଜିଲ୍ଲା ସାମ୍ବାଦିକ ସଙ୍ଘ (ଏ ଡ଼ି ୟୁ ଜେ ) ସଭାପତି ଅଜିତ କୁମାର ଧର, ଉପସଭାପତି କମଳାକାନ୍ତ ମିଶ୍ର, ସୁଧାକର ସାହୁ ସମ୍ପାଦକ ସ୍ୱାଧୀନ ସାମଲ,କୋଷାଧକ୍ଷ ରାଜେଶ ସେକ ସେରିଆ ଙ୍କ ଉପସ୍ଥିତିରେ ନୂତନ ଭାବରେ ଚାରି ଜଣ ସାମ୍ବାଦିକ ଭାଇ ଏ ଡ଼ି ୟୁ ଜେର ସଭ୍ୟ ଗ୍ରହଣ କରି ସାମ୍ବାଦିକ ସଙ୍ଘ ରେ ସାମିଲ ହୋଇଥିଲେ । ନୂତନ ଭାବରେ ମିଶିଥିବା ସୁନୀଲ କୁମାର ମିଶ୍ର,ଜ୍ୟୋତିପ୍ରକାଶ ମିଶ୍ର, ଶ୍ୟାମାପ୍ରସାଦ ଜ୍ୟୋତିଷରାୟ,, ଜ୍ୟୋତିପ୍ରକାଶ ପାତ୍ର ଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସଙ୍ଘ ତରଫରୁ ସମ୍ବର୍ଦ୍ଧିତ କରା ଯାଇଥିଲା । ଏହି ସ୍ୱତନ୍ତ୍ର ବୈଠକ ରେ ବରିଷ୍ଠ ସାମ୍ବାଦିକ ଉଦିପ୍ତ ପୁରୋହିତ,ସୁବାଷ ଶତପଥୀ,ସୁବୋଧ ମିଶ୍ର, ବିନୟ ପଟ୍ଟନାୟକ, ବୁଲୁ ଦଳେଇ, ଧନଞ୍ଜୟ ନାୟକ, ଶତ୍ରୁଘ୍ନ ସାହୁ ଙ୍କ ସମେତ ଏ ଡ଼ି ୟୁ ଜେ ସାମ୍ବାଦିକ ସଙ୍ଘ ର ବହୁ ସାମ୍ବାଦିକ ଉପସ୍ଥିତ ଥିଲେ ।

# କଂକ୍ରିଟ ଚୋରି କରିବା ଅଭିଯୋଗରେ ଜଣେ ଗିରଫ



**ବଣାଇ,୩୧।୫ :** ସୁନ୍ଦରଗଡ଼ ଜିଲ୍ଲା ହେମଗିର ଥାନା ଅନ୍ତର୍ଗତ ସରଡେଗା ଠାରେ ବାଲାଜି କମ୍ପାନୀର କଂକ୍ରିଟ ଚୋରି କରି ବିକ୍ରି କରିବା ଅଭିଯୋଗରେ ଜଣେ ଗିରଫ। ମିଳିଥିବା ସୂଚନା ଅନୁସାରେ ବାବାଜି କମ୍ପାନୀରେ କାମ କରୁଥିବା ଦୁଇ ଜଣ କର୍ମଚାରୀ ପ୍ରୋଜେକ୍ଟ ମ୍ୟାନେଜର ଅମର ରାଉଳ ଓ ସୁପର ଭାଇଜର ପବିତ୍ର ମହାନ୍ତି କଂକ୍ରିଟ ଚୋରି କରି ବିକ୍ରି କରି ଥିବାର ହେମଗିର ଥାନାରେ ବାଲାଜି କମ୍ପାନୀର ମେକାନିକାଲ ଅଧିକାରୀ ରବି ନାରାୟଣ ମହାନ୍ତି ଲିଖିତ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗକୁ ଭିତ୍ତି କରି ହେମଗିର ପୋଲିସ କେସ ନମ୍ବରରେ ୨୫୬/୨୬ ଏକ ମାମଲା ରୁଜୁ କରି ପ୍ରୋଜେକ୍ଟ ମ୍ୟାନେଜର ଅମର ରାଉଳଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ସୁପର ଭାଇଜର ପବିତ୍ର ମହାନ୍ତି ଫେରାର ଥିବାରୁ ପୋଲିସ ଗିରଫ କରିବା ପାଇଁ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଛି।

## ବେଆଇନ ଖଣିଜ କାରବାର ଉପରେ ବଡ଼ ଚଢ଼ଉ

# ୧୯ଟି ଗାଡ଼ି ସହ ୪୦ କିଲୋଗ୍ରାମ ବିସ୍ଫୋରକ ଜବତ



**ବାଲେଶ୍ୱର,୩୧।୫ :** ବାଲେଶ୍ୱର ଜିଲ୍ଲାରେ ବେଆଇନ ଖଣିଜ ପଦାର୍ଥ ପରିବହନ ଓ ବେଆଇନ ଖନନ ବିରୋଧରେ ପ୍ରଶାସନ ପକ୍ଷରୁ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଗତ ୩୦ ତାରିଖ ବିଳମ୍ବିତ ରାତିରେ ଜିଲ୍ଲା ଖଣି ଅଧିକାରୀ ଏବଂ କନିଷ୍ଠ ଖଣି ଅଧିକାରୀମାନଙ୍କ ଦ୍ୱାରା ଜିଲ୍ଲାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୧୯ଟି ଗାଡ଼ି ସହ ପ୍ରାୟ ୪୦ କିଲୋଗ୍ରାମ ବେଆଇନ ବିସ୍ଫୋରକ ସାମଗ୍ରୀ ଜବତ କରାଯାଇଛି। ସିମୁଳିଆ ଅଞ୍ଚଳରେ ବେଆଇନ ଭାବେ ବାଲି ପରିବହନ କରୁଥିବା ୨ଟି ହାଇଭାକୁ ଜବତ କରାଯାଇ ସିମୁଳିଆ ଥାନାରେ ଅଟକ ରଖାଯାଇଛି। ସେହିପରି ସୋରୋ ବ୍ଲକର ବାଗୁଡ଼ି ଅଞ୍ଚଳରେ ଥିବା ବେଆଇନ ପଥର ଖଣି ଉପରେ ଚଢ଼ାଉ ବେଳେ ପ୍ରାୟ ୪୦ କିଲୋଗ୍ରାମ ବେଆଇନ ବିସ୍ଫୋରକ ସାମଗ୍ରୀ ଜବତ ହୋଇଥିଲା। ଜବତ ବିସ୍ଫୋରକକୁ ପରବର୍ତ୍ତୀ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ସୋରୋ ଥାନାକୁ ହସ୍ତାନ୍ତର କରାଯାଇଛି। ଅନ୍ୟପକ୍ଷରେ ଜଳେଶ୍ୱର ଅଞ୍ଚଳରେ ବେଆଇନ ଭାବେ ମୋରମ ଓ ବାଲି ପରିବହନ କରୁଥିବା ୧୧ଟି ହାଇଭା ଏବଂ ୪ଟି ଟ୍ରାକ୍ଟରକୁ ଜବତ କରାଯାଇ ଜଳେଶ୍ୱର ତହସିଲ କାର୍ଯ୍ୟାଳୟ ପରିସରରେ ଅଟକ ରଖାଯାଇଛି ।ଜିଲ୍ଲାରେ ବେଆଇନ ଲଘୁ ଖଣିଜ ସମ୍ପଦ ଚୋରା ଚାଲାଣ ଓ ବେଆଇନ ଖନନକୁ ରୋକିବା ପାଇଁ ଆଗାମୀ ଦିନରେ ମଧ୍ୟ ଏଭଳି ଆକସ୍ମିକ ଚଢ଼ାଉ ଓ କଠୋର ପ୍ରବର୍ତ୍ତନ କାର୍ଯ୍ୟାନୁଷ୍ଠାନ ଜାରି ରହିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ହରପ୍ରିୟା ମାଉସୀଙ୍କ କର୍ମ ପାଇଁ ନବଜ୍ୟୋତିଙ୍କ ସହାୟତା



**ବାଲେଶ୍ୱର,୩୧।୫ :** ଗତ ୨୨ ତାରିଖ ଦିନ ମାଣିଖମ୍ବ ଅଞ୍ଚଳର ହରପ୍ରିୟା ଦେ ତଥା ବାଲେଶ୍ୱର ସହରର ଜଣେ ପରିଚିତ ବ୍ୟକ୍ତିତ୍ୱ ହର ମାଉସୀଙ୍କ ଦେହାନ୍ତ ଘଟିଥିଲା। ମୃତ୍ୟୁ ବେଳକୁ ହରପ୍ରିୟା ମାଉସୀଙ୍କ ବୟସ ୯୦ ବର୍ଷ ପହଞ୍ଚିଥିଲା। ବୟସର ଅପରାହ୍ନରେ ପହଂଚିଥିଲେ ମଧ୍ୟ ସେ ନିଜେ ଏକ ଛୋଟ ପାନ ଦୋକାନ କରି ନିଜର ଗୁଜୁରାଣ ମେଣ୍ଟାଉଥିଲେ, କାହା ଉପରେ ନିର୍ଭରଶୀଳ ନଥିଲେ। ତାଙ୍କର ଜଣେ ସ୍ୱାଭିମାନ, ଧୈର୍ଯ୍ୟ ଓ ପରିଶ୍ରମ ଆଗାମୀ ପିଢ଼ିଙ୍କୁ ପ୍ରେରଣା ଯୋଗାଇବ ନିଶ୍ଚୟ। ତାଙ୍କର ଏକାଦଶାହ ପରିପ୍ରେକ୍ଷୀରେ ଯୁବନେତା ନବଜ୍ୟୋତି ପଟ୍ଟନାୟକଙ୍କ ତରଫରୁ ୨୫,୦୦୦/- ଟଙ୍କାର ଆର୍ଥିକ ସହାୟତା ହରପ୍ରିୟା ମାଉସୀଙ୍କ ପରିବାରକୁ ଯୋଗାଇ ଦିଆଯାଇଛି। ଆଜି ତାଙ୍କ ଏକାଦଶାହ ରେ ପ୍ରଦେଶ ଛାତ୍ର କଂଗ୍ରେସର ପୂର୍ବତନ ଉପସଭାପତି ଗୌତମ ସାହୁଙ୍କ ସମେତ ବାଲେଶ୍ୱର ଛାତ୍ର କଂଗ୍ରେସର କର୍ମୀ ନବପ୍ରସାଦ ଭୂୟାଁ, ଆଲୋକ ମାଝୀ, ସୌରଭ ବେହେରା ଓ ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ର କଂଗ୍ରେସ ନେତା ଅମ୍ରିତ ସ୍ପନ୍ଦନ ବେହେରା ଓ ବିଶ୍ୱରଞ୍ଜନ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ନବଜ୍ୟୋତି ପଟ୍ଟନାୟକଙ୍କ ତରଫରୁ ସହାୟତା ରାଶି ପ୍ରଦାନ କରିଥିଲେ । ଏଠାରେ ଉଲ୍ଲେଖଯୋଗ୍ୟ ଯେ ହରପ୍ରିୟା ମାଉସୀଙ୍କ ନିକଟରେ ସରକାରୀ ଘର ଖଣ୍ଡେ ମିଳି ନଥିବାରୁ ମୁଣ୍ଡ ଗୁଞ୍ଜିବାକୁ ଯେତେବେଳେ ସେ ଦହଗଞ୍ଜ ହେଉଥିଲେ, ଏ ସଂକ୍ରାନ୍ତରେ ନବଜ୍ୟୋତି ପଟ୍ଟନାୟକ ଖବର ପାଇ ଛାତ୍ର କଂଗ୍ରେସ କର୍ମୀଙ୍କ ଦ୍ୱାରା ହରପ୍ରିୟା ମାଉସୀଙ୍କ ପାଇଁ ଏକ ଆଜବେଷ୍ଟସ ଘର ତିଆରି କରାଇ ଦେଇଥିଲେ।

# ‘ସଲାମ ଜୀବନ’ ତରଫରୁ ବିଶ୍ୱ ତମାଖୁ ବର୍ଜନ ଦିବସ



**ଭୁବନେଶ୍ୱର,୩୧।୫ :** ଆଜି ବିଶ୍ୱ ତମାଖୁ ବର୍ଜନ ଦିବସ। ତମାଖୁ ଦ୍ରବ୍ୟ ର କୁପ୍ରଭାବ ସମ୍ପର୍କରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ସହ କ୍ୟାନ୍ସର ତଥା ନାନାପ୍ରକାର ମାରାତ୍ମକ ରୋଗକୁ ରୋକିବା ପାଇଁ ଆଜି ସାରା ବିଶ୍ୱରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଚଳିତ ବର୍ଷ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଆହ୍ୱାନ କ୍ରମେ ‘ଆକର୍ଷଣ ର ଅସଲି ଚେହେରାକୁ ପ୍ରକାଶ କରିବା : ନିକୋଟିନ୍ ? ଓ ତମାଖୁ ଆସକ୍ତି କୁ ପ୍ରତିରୋଧ କରିବା‘ ଶୀର୍ଷକ ଉପରେ ଆଲୋଚନା ଅନୁଷ୍ଠିତ ହେଉଛି। ଏହି ଅବସରରେ ଭୁବନେଶ୍ୱରରେ ମଧ୍ୟ ଏକ ସ୍ୱତନ୍ତ୍ର ଜନସଚେତନତା କାର୍ଯ୍ୟକ୍ରମର ଆୟୋଜନ କରିଛି ସାମାଜିକ ସଂଗଠନ ‘ସଲାମ ଜୀବନ’। ସାମାଜିକ କର୍ମୀ ତଥା ‘ସଲାମ ଜୀବନ’ର ସହ-ସଂସ୍ଥାପକ ଡ଼. ମହମ୍ମଦ ଇମ୍ରାନ ଅଲ୍ଲୀ ବିଶ୍ୱ ତମାଖୁ ବର୍ଜନ ଦିବସ ଅବସରରେ ଭୁବନେଶ୍ୱରର ଜଳିମୁଣ୍ଡା ସାହିରେ କୁନି କୁନି ପିଲାମାନଙ୍କ ସହ ମିଶି ତମାଖୁ ତଥା ନିଶାର ଭୟାବହ ପରିଣାମ ଏବଂ ଏହାର ସାମାଜିକ କୁପ୍ରଭାବ ସମ୍ପର୍କରେ ଆଲୋଚନା କରିଥିଲେ। ସେ କହିଥିଲେ, ତମାଖୁ ଓ ଅନ୍ୟାନ୍ୟ ନିଶାଦ୍ରବ୍ୟ କେବଳ ଜଣେ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟକୁ କ୍ଷତିଗ୍ରସ୍ତ କରେ ନାହିଁ, ବରଂ ପରିବାର, ସମାଜ ଏବଂ ଦେଶର ଭବିଷ୍ୟତ ଉପରେ ମଧ୍ୟ ଗଭୀର ପ୍ରଭାବ ପକାଇଥାଏ। ‘ତମାଖୁ ତଥା ନିଶାମୁକ୍ତ ଶୈଶବ’ର ଆହ୍ୱାନ ଦେଇ ସେ ପିଲାମାନଙ୍କୁ ନିଜେ ତମାଖୁ ଏବଂ ନିଶାଠାରୁ ଦୂରେଇ ରହିବା ସହ ପରିବାର ଏବଂ ସମାଜରେ ସଚେତନତାର ବାର୍ତ୍ତା ପହଞ୍ଚାଇବାକୁ ପ୍ରେରିତ କରିଥିଲେ। ତାଙ୍କ ମତରେ, ଶୈଶବରୁ ସଠିକ୍ ଶିକ୍ଷା, ମୂଲ୍ୟବୋଧ ଏବଂ ସଚେତନତା ଗଢ଼ି ଉଠିଲେ ଆଗାମୀ ପିଢ଼ିକୁ ତମାଖୁ ତଥା ନିଶା କବଳରୁ ସୁରକ୍ଷିତ ରଖାଯାଇପାରିବ। ଏହି ଅବସରରେ ‘ସଲାମ ଜୀବନ’ର ନିର୍ଦ୍ଦେଶକ ଅନୁଜ ଦାସ ନିଆରା ଢଙ୍ଗରେ ପିଲାମାନଙ୍କୁ ବୁଝାଇଥିଲେ ଯେ, ତମାଖୁ ସେବନ କିପରି ଜଣେ ବ୍ୟକ୍ତିଙ୍କୁ ଶାରୀରିକ, ମାନସିକ ଓ ଆର୍ଥିକ ଭାବେ ଦୁର୍ବଳ କରିଦିଏ। ସେ କହିଥିଲେ, ନିଶା କେବଳ ଏକ ଅଭ୍ୟାସ ନୁହେଁ, ବରଂ ଏହା ଅନେକ ସ୍ୱପ୍ନ ଓ ସମ୍ଭାବନାକୁ ନଷ୍ଟ କରିଦେଇଥାଏ। ଜଳିମୁଣ୍ଡା ସାହିରେ ପିଲାମାନଙ୍କୁ ନିୟମିତ ପାଠ ପଢ଼ାଉଥିବା ଶିକ୍ଷକ ଉଦୟ ସିଂ ମଧ୍ୟ ଏହି ଅଭିଯାନରେ ସାମିଲ ହୋଇ ସଚେତନତାର ବାର୍ତ୍ତା ଦେଇଥିଲେ। ସେ କହିଥିଲେ, ତମାଖୁ ତଥା ନିଶାଦ୍ରବ୍ୟ ଠାରୁ ଦୂରେଇ ରହିଲେ ଛାତ୍ରଛାତ୍ରୀମାନେ ନିଜର ପାଠପଢ଼ା ଓ କ୍ୟାରିଅର ଉପରେ ଅଧିକ ଧ୍ୟାନ ଦେଇପାରିବେ ଏବଂ ଜୀବନରେ ସଫଳତା ହାସଲ କରିପାରିବେ। ରାଜ୍ୟର ବିଭିନ୍ନ ସ୍ଥାନରେ ଏଭଳି ଜନସଚେତନତା କାର୍ଯ୍ୟକ୍ରମ ଜରିଆରେ ଯୁବପିଢ଼ିଙ୍କ ମଧ୍ୟରେ ତମାଖୁ ଏବଂ ନିଶା ବିରୋଧୀ ବାର୍ତ୍ତା ପହଞ୍ଚାଇବା ସହ ଏକ ସୁସ୍ଥ, ସଚେତନ ଓ ନିଶାମୁକ୍ତ ସମାଜ ଗଠନ ପାଇଁ ପ୍ରୟାସ ଜାରି ରଖିଛି ‘ସଲାମ ଜୀବନ’ ସଂଗଠନ।

## ଶିଶୁ ମନ୍ଦିରରେ ଏକାଠି ହେଲେ ବିଭିନ୍ନ କ୍ଷେତ୍ରରେ ସଫଳ ପୂର୍ବତନ ଛାତ୍ରଛାତ୍ରୀ

# ବନ୍ଧୁମିଳନ-୨୦୨୬ ଅବସରରେ ଗୁରୁଜୀ-ଗୁରୁମାଙ୍କୁ ସମ୍ମାନ



**ଫୁଲନଖରା,୩୧।୫ :** ବୟାଳିଶମୌଜା ଅଞ୍ଚଳର ବେଣ୍ଟକାର ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ପୁରାତନ ଛାତ୍ର ସଂସଦ ପକ୍ଷରୁ ବାର୍ଷିକ “ବନ୍ଧୁମିଳନ-୨୦୨୬” ବିଦ୍ୟାଳୟ ପ୍ରାଙ୍ଗଣରେ ଅତ୍ୟନ୍ତ ଆଡମ୍ବର ଓ ଉତ୍ସାହର ସହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପୁରାତନ ଓ ବର୍ତ୍ତମାନ ଛାତ୍ରଛାତ୍ରୀ, ଗୁରୁଜୀ-ଗୁରୁମା, ଅଭିଭାବକ ଏବଂ ବହୁ ବିଶିଷ୍ଟ ବ୍ୟକ୍ତିତ୍ୱ ଏକାଠି ହୋଇ ବିଦ୍ୟାଳୟ ସହ ଜଡିତ ଅନେକ ସ୍ମୃତିକୁ ପୁନର୍ଜୀବିତ କରିଥିଲେ। ସଂସଦର ସଭାପତି ସୌମ୍ୟରଞ୍ଜନ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସଂସଦର ସମ୍ପାଦକ ସୁନୀଲ କୁମାର ସାହୁ, ଶିଶୁ ମନ୍ଦିରର ମ୍ୟାନେଜିଂ ଟ୍ରଷ୍ଟି ମନୋରଞ୍ଜନ ଶତପଥୀ, ବିଶିଷ୍ଟ ହାସ୍ୟ ଅଭିନେତା ଉମେଶ ଦାସ, ସିନେ କଳାକାର ଗୌରବ ମହାନ୍ତି ଓ ସିନେ ସାମ୍ବାଦିକ ଶ୍ରୀରାମ ରାୟ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ଏପରି ଏକ ସୃଜନଶୀଳ ଓ ସମ୍ପର୍କ ସୁଦୃଢ଼କାରୀ ଆୟୋଜନର ଭୂୟସୀ ପ୍ରଶଂସା କରିବା ସହ ପୁରାତନ ଛାତ୍ରଛାତ୍ରୀମାନଙ୍କ ଏକତା ଓ ବିଦ୍ୟାଳୟ ପ୍ରତି ସେମାନଙ୍କ ଆତ୍ମୀୟତାକୁ ସାଧୁବାଦ ଜଣାଇଥିଲେ। ସଂସଦର କୋଷାଧକ୍ଷ ସୌମ୍ୟରଞ୍ଜନ ମୁଦୁଲି କାର୍ଯ୍ୟକ୍ରମକୁ ସୁନ୍ଦର ଭାବେ ସଂଚାଳନା କରିଥିଲେ। ଏହି ଅବସରରେ ଅତିଥିମାନଙ୍କୁ ଉପଢୌକନ ଓ “ବନ୍ଧୁମିଳନ-୨୦୨୬” ସ୍ମୃତି ଫଳକ ପ୍ରଦାନ କରାଯାଇଥିଲା। ସେହିପରି ବିଦ୍ୟାଳୟର ପୂର୍ବତନ ଓ ବର୍ତ୍ତମାନର ଗୁରୁଜୀ-ଗୁରୁମାମାନଙ୍କୁ ମଞ୍ଚରେ ସମ୍ମାନିତ କରାଯାଇ ସେମାନଙ୍କ ଅବଦାନକୁ କୃତଜ୍ଞତାର ସହ ସ୍ମରଣ କରାଯାଇଥିଲା। କାର୍ଯ୍ୟକ୍ରମର ଏକ ଆକର୍ଷଣୀୟ ପର୍ବ ଥିଲା ଶିକ୍ଷକ ସମ୍ମାନ। ବିଦ୍ୟାଳୟର ଉଲ୍ଲେଖନୀୟ ପାଠ୍ୟଗତ ସଫଳତା ପାଇଁ ବୟାଳିଶ ମୌଜାର ଅଗ୍ରଣୀ ସାମାଜିକ ସଂଗଠନ ଦୟାନିଧି ପ୍ରତିଭା ବିକାଶ ପ୍ରତିଷ୍ଠାନ ପକ୍ଷରୁ ସମସ୍ତ ଗୁରୁଜୀ ଓ ଗୁରୁମାଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା। ଏହାସହ ଚଳିତ ବର୍ଷର ମାଟ୍ରିକ ପରୀକ୍ଷାରେ ଉଲ୍ଲେଖନୀୟ ନମ୍ବର ରଖି ବିଦ୍ୟାଳୟର ଗୌରବ ବୃଦ୍ଧି କରିଥିବା ଛାତ୍ରଛାତ୍ରୀଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ପୁରାତନ ଛାତ୍ରଛାତ୍ରୀମାନେ ମଞ୍ଚରେ ନିଜ ଛାତ୍ରଜୀବନର ଅଭୁଲା ସ୍ମୃତିଚାରଣ କରିବା ସହ ଶିଶୁ ମନ୍ଦିରର ଛାତ୍ର ଭାବେ ନିଜକୁ ଗର୍ବିତ ମନେ କରୁଥିବା ପ୍ରକାଶ କରିଥିଲେ। ବିଭିନ୍ନ କ୍ଷେତ୍ରରେ ସଫଳତାର ଶିଖର ଛୁଇଁଥିବା ପୂର୍ବତନ ଛାତ୍ରଛାତ୍ରୀମାନେ ବର୍ତ୍ତମାନ ପିଢ଼ିର ଛାତ୍ରଛାତ୍ରୀଙ୍କ ସହ ଏକ ବିଶେଷ ଭାବ ବିନିମୟ ଓ ମାର୍ଗଦର୍ଶନ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସେମାନେ ନିଜ ଜୀବନ ସଂଘର୍ଷ, ସଫଳତାର ଅନୁଭୂତି ଓ ଲକ୍ଷ୍ୟପ୍ରାପ୍ତିର ମାର୍ଗ ସମ୍ପର୍କରେ ଆଲୋକପାତ କରି ଛୋଟ ଭାଇଭଉଣୀମାନଙ୍କୁ ପ୍ରେରଣା ଯୋଗାଇଥିଲେ। ଏହାପରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ସମସ୍ତେ ମସଗୁଲ ହୋଇଥିଲେ। ସଙ୍ଗୀତ, ନୃତ୍ୟ ଓ ବିଭିନ୍ନ ସାଂସ୍କୃତିକ ପରିବେଷଣ ଉପସ୍ଥିତ ଦର୍ଶକମାନଙ୍କୁ ଆକୃଷ୍ଟ କରିଥିଲା। ପୁରାତନ ଛାତ୍ର ସଂସଦର ସମସ୍ତ ସଦସ୍ୟଙ୍କ ନିଷ୍ଠାପର ସହଯୋଗ ଓ ସମନ୍ୱୟରେ କାର୍ଯ୍ୟକ୍ରମଟି ସଫଳତାର ସହ ସମାପ୍ତ ହୋଇଥିଲା। ଏହି ଆୟୋଜନକୁ ସଫଳ କରିବାରେ ସାହିଲ ପରିଡ଼ା, ସୌରଭ ମହାନ୍ତି, ସୁଜିତ ବିଶ୍ୱାଳ, ସ୍ନେହାଶିଷ ଦେବତା, ସୁଦୀପ ସେଠୀ, ଚିନ୍ମୟ ବେହେରା, ପ୍ରଦ୍ୟୁମ୍ନ ବେହେରା, ଦୀପକ ପଲେଇ, ହିମାଂଶୁ ଦେବତା, ପ୍ରଦୀପ ମୁଦୁଲି, ଅରବିନ୍ଦ ମୁଦୁଲି, ଅଲ୍କେଶ ଜ୍ୟୋତି ଦଳାଇ, ସୌମିତ୍ର ଦାସ, ଅଙ୍କିତା ସାହୁ, ଆଲିଶା ମହାନ୍ତି, ଶ୍ରୁତିଲିକା ଦେବତା ଓ ଅରୋସ୍ମିତା ପରିଡ଼ା ପ୍ରମୁଖଙ୍କ ଉଲ୍ଲେଖନୀୟ ଭୂମିକା ରହିଥିଲା। ବନ୍ଧୁତ୍ୱ, ସ୍ମୃତି, ସମ୍ମାନ ଓ ପ୍ରେରଣାର ଅପୂର୍ବ ସମନ୍ୱୟ ହୋଇଥିବା ଏହି “ବନ୍ଧୁମିଳନ-୨୦୨୬” କାର୍ଯ୍ୟକ୍ରମ ଉପସ୍ଥିତ ସମସ୍ତଙ୍କ ମନରେ ଏକ ଚିରସ୍ମରଣୀୟ ଅନୁଭୂତି ସୃଷ୍ଟି କରିଥିଲା।

# ମନ୍ଥର ଗତିରେ ଚାଲିଛି ଏନ୍.ଏଚ୍-୫୯ ରାସ୍ତା କାମ

- ହନ୍ତସନ୍ତ ହେଉଛନ୍ତି ସାଧାରଣ ଲୋକେ
- ଦୁର୍ଘଟଣାରେ ଗଲାଣି ଏକାଧିକ ଜୀବନ

**ଭବାନୀପାଟଣା, ୩୧।୫ :** ପୂର୍ତ୍ତ ବିଭାଗ ପକ୍ଷରୁ ଚାଲିଥିବା ଛତିକୁଡା-ନର୍ଲା ରାସ୍ତା କାମ ସାରିବାର ନା ନେଉନାହିଁ। ଦୀର୍ଘ ବର୍ଷ ଧରି ଚାଇଥିବା ଉକ୍ତ ରାସ୍ତା କାମ ଶେଷ ନ ହେବା ଏବଂ ଏବଂ ରାସ୍ତା କାମରେ ହେଉଥିବା ଅନେକ ଅନିୟମିତତା ଉପରେ ପ୍ରଶାସନ ର ନିଘା ନ ଥିବା ନେଇ ସାଧାରଣ ରେ ତୀବ୍ର ପ୍ରତିକ୍ରିୟା ଦେଖା ଦେଇଛି। କଳାହାଣ୍ଡି ଜିଲ୍ଲା ର ଭବାନୀପାଟଣା ଦେଇ ବିଶାଖାପାଟନମ କୁ ସଂଯୋଗ କରୁଥିବା ଜାତୀୟ ରାଜପଥ ଏନ୍.ଏଚ୍-୫୯ ରାସ୍ତା ନିର୍ମାଣ କାର୍ଯ୍ୟକୁ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦିନକୁ ଦିନ ବଢ଼ିବାରେ ଲାଗିଛି। ଭବାନୀପାଟଣାରୁ ଛତିକୁଡା, ନର୍ଲା, ମଦନପୁର ରାମପୁର ଦେଇ ବିଶାଖାପାଟନମକୁ ସଂଯୋଗ କରୁଥିବା ଏହି ଗୁରୁତ୍ୱପୂର୍ଣ୍ଣ ରାଜପଥର କାମ ଦୀର୍ଘ ବର୍ଷ ଧରି ଚାଲିଥିଲେ ମଧ୍ୟ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇପାରିନାହିଁ। ବାରମ୍ବାର ଅଭିଯୋଗ ଏବଂ ଦାବି ସତ୍ତ୍ୱେ ସମସ୍ୟାର ସ୍ଥାୟୀ ସମାଧାନ ହୋଇନଥିବାରୁ ସ୍ଥାନୀୟ ଲୋକେ ଅସନ୍ତୁଷ୍ଟ ହୋଇପଡ଼ିଛନ୍ତି। ନିର୍ଦ୍ଧାରିତ ସମୟସୀମା ମଧ୍ୟରେ କାମ ଶେଷ ନ ହେବା ଯୋଗୁଁ ଲୋକଙ୍କ ମଧ୍ୟରେ ପ୍ରଶାସନ ଓ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ପ୍ରତି କ୍ଷୋଭ ପ୍ରକାଶ ପାଉଛି। ରାସ୍ତାର ଅନେକ ସ୍ଥାନରେ କାମ ଅଧାପନ୍ତରିଆ ଅବସ୍ଥାରେ ପଡି ରହିଛି। ବଡ଼ ବଡ଼ ଖାଲଖମା, ଅସ୍ଥାୟୀ ଡାଇଭର୍ସନ୍ ଓ ଅସମାନ ରାସ୍ତା ଯୋଗୁଁ ପ୍ରତିଦିନ ଦୁର୍ଘଟଣା ଘଟୁଥିବା ଅଭିଯୋଗ ହେଉଛି। ବିଶେଷକରି ବର୍ଷା ଦିନରେ ଯାତାୟାତ ଆହୁରି ବିପଦଜନକ ହୋଇପଡୁଛି। ସାଧାରଣ ଯାତ୍ରୀଙ୍କ ସହ ଗାଡ଼ି ଚାଳକମାନେ ମଧ୍ୟ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସ୍ଥାନୀୟ ଲୋକଙ୍କ ପ୍ରଶ୍ନ ହେଉଛି, କେବେ ଶେଷ ହେବ ଏନ୍.ଏଚ୍-୫୯ ର ନିର୍ମାଣ କାର୍ଯ୍ୟ କେବେ ହଟିବ ଡାଇଭର୍ସନ୍ ସମସ୍ୟା ଏବଂ କେବେ ମିଳିବ ସୁରକ୍ଷିତ ଓ ସୁବିଧାଜନକ ଯାତାୟାତର ସୁଯୋଗ ଏହି ପ୍ରସଙ୍ଗରେ ସମ୍ପୃକ୍ତ ବିଭାଗ ତୁରନ୍ତ ଦୃଷ୍ଟି ଦେଇ ନିର୍ମାଣ କାର୍ଯ୍ୟକୁ ଶୀଘ୍ର ଶେଷ କରିବାକୁ ଦାବି ଜୋର ଧରିଛି। ଲୋକଙ୍କ ଆଶା, ଦୀର୍ଘ ଦିନର ଏହି ସମସ୍ୟାର ଶୀଘ୍ର ସମାଧାନ ହେବ ଏବଂ ଯାତାୟାତ ବ୍ୟବସ୍ଥା ସ୍ୱାଭାବିକ ହେବ।

# ବିଦ୍ୟୁତ୍ ତାର ଚୋରି ଘଟଣାରେ ପୋଲିସର ପାତର ଅନ୍ତର ନୀତି

- ଚୋରକୁ ଧରି ଥାନାରେ ଦେଇଥିବା ଲୋକଙ୍କୁ ଅଟକ ରଖି ଚୋରକୁ ଛାଡ଼ି ଦେଲେ ପୋଲିସ
- ସ୍ଥାନୀୟ ଲୋକଙ୍କ ରାସ୍ତା ଅବରୋଧ

**ବାସୁଦେବପୁର, ୩୧।୫ :** ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ଅନ୍ତର୍ଗତ ପାରାପୋଖରୀ ଛକ ନିକଟରେ ଟାୟାର ଜାଳି ରାସ୍ତା ଅବରୋଧ କଲେ ସ୍ଥାନୀୟ ବାସିନ୍ଦା ! କଶିଆ ସାମୁଦ୍ରିକ ଥାନା ପୋଲିସର ପାତର ଅନ୍ତର ନିତି ବିରୋଧରେ ବିକ୍ଷୋଭ କଲେ ଗ୍ରାମବାସୀ। ଘଟଣାସ୍ଥଳରେ ଉତ୍ତେଜନା ଲାଗି ରହିଛି। ରାସ୍ତା ଅବରୋଧ ହେବା ଫଳରେ ରାସ୍ତାର ଦୁଇ ପାର୍ଶ୍ୱରେ ଶତାଧିକ ଗାଡି ମଟର ଛିଡା ହୋଇରହିଛି। ଅଭିଯୋଗ ଅନୁଯାୟୀ ମେ ୨୯ ତାରିଖ ଶୁକ୍ରବାର ରାତ୍ରିରେ ପାରାପୋଖରୀ ଛକ ନିକଟରେ ୬ ରୁ ୭ ଜଣ ଯୁବକ ୩୩ କେଭି ବିଦ୍ୟୁତ୍ ତାର ଚୋରି କରୁଥିବା ସମୟରେ ସ୍ଥାନୀୟ ଲୋକ ବିରୋଧ କରିଥିଲେ। ଉଭୟଙ୍କ ମଧ୍ୟରେ ମାରପିଟ ହୋଇଥିଲା। ଉକ୍ତ ବିଦ୍ୟୁତ ତାର କାଟି ଚୋରି ଘଟଣାରେ ବିଦ୍ୟୁତ ବିଭାଗ ର କର୍ମଚାରୀ ମାନଙ୍କ ସମ୍ପର୍କ ଥିବା ଗ୍ରାମବାସୀ ସୂଚନା ଦେଇଛନ୍ତି। ଖବର ପାଇ କଶିଆ ସାମୁଦ୍ରିକ ଥାନା ପୋଲିସ ପହଁଚି ଉଭୟ ପକ୍ଷରୁ ୪ ଜଣଙ୍କୁ ଥାନାକୁ ନେଇଥିଲା। କିନ୍ତୁ ରାତ୍ରିରେ ବିଦ୍ୟୁତ୍ ତାର କାଟୁଥିବା ୨ ଜଣ ଯୁବକଙ୍କୁ ପୋଲିସ ଛାଡି ଦେଇଛି ହେଲେ ଆମ ପିଲାଙ୍କୁ ପୋଲିସ ଅଟକ ରଖିଛି। ଚୋରି କରୁଥିବା ପିଲାଙ୍କୁ ଛାଡିଦେଇ ଚୋରକୁ ଧରୁଥିବା ଆମ ପିଲାଙ୍କୁ ପୋଲିସ ଅଟକ ରଖିଛି ବୋଲି ଅଭିଯୋଗ କରି ରାସ୍ତା ଅବରୋଧ କରିଛନ୍ତି ସ୍ଥାନୀୟ ବାସିନ୍ଦା। ଯେପର୍ଯ୍ୟନ୍ତ ଆମ ପିଲାଙ୍କୁ ପୋଲିସ ନଛାଡିଛି, ଛାଡିଥିବା ପିଲାଙ୍କୁ ପୋଲିସ ନଧରିଛି ସେ ପର୍ଯ୍ୟନ୍ତ ଆନ୍ଦୋଳନ କରିବୁ ବୋଲି କହିଛନ୍ତି ବିକ୍ଷୋଭକାରୀ। ଘଟଣାସ୍ଥଳରେ କଶିଆ



ସାମୁଦ୍ରିକ ଥାନା ଅଧିକାରୀଣି ସୁଜାତା ଖମାରୀ ବୁଝା ସୁଝା କରୁଥିବା ବେଳେ ଉତ୍ତେଜନା ଲାଗି ରହିଛି। ଦୁଇ ଘଣ୍ଟା ଧରି ରାସ୍ତା ଅବରୋଧ କରିଥିଲେ ସ୍ଥାନୀୟ ବାସିନ୍ଦା। ପରେ କଶିଆ ସାମୁଦ୍ରିକ ଥାନା ଅଧିକାରିଣୀ ସଂଧ୍ୟାରେ ଉକ୍ତ ଘଟଣାର ତଦନ୍ତ କରିବା ସହିତ ଦୋଷୀ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିବା ପରେ ରାସ୍ତାରୋକ ହଟିଥିଲା। ଯାନବାହାନ ଚଳାଚଳ ସ୍ୱଭାବିକ ହୋଇଥିଲା। ଏହି ଘଟଣାରେ ପୋଲିସ ସଠିକ୍ ତଦନ୍ତ କରିବା ସହିତ ଏଥିରେ ସମ୍ପୃକ୍ତ ସମସ୍ତ ଦୋଷୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

# 'ଗାଁ ଆମ୍ବ ପସରା' ସୁଲଭ ଦରରେ କିଣିବେ ଗ୍ରାହକ




**ବାଲେଶ୍ୱର, ୩୧।୫ :** ବାଲେଶ୍ୱର ରେ ଓରମାସ ଓ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟ ରେ ବାଲେଶ୍ୱର ରେ ଗାଁ ଆମ୍ବ ର ପ୍ରଚାର ପ୍ରସାର ସହ ଓଡିଶା ର ଆମ୍ବ ଚାଷୀ ମାନଙ୍କୁ ସିଧାସଳଖ ବଜାର ସୁବିଧା ଯୋଗାଇବା ଏବଂ ଗ୍ରାହକ ମାନଙ୍କୁ ସୁଲଭ ମୂଲ୍ୟରେ ଉନ୍ନତ ମାନର ଆମ୍ବ ଯୋଗାଇବା ଉଦ୍ଦେଶ୍ୟ ରେ ବାଲେଶ୍ୱର ସ୍ଥିତ ମିଶନ ଶକ୍ତି ବଜାର ପ୍ରାଙ୍ଗଣ ରେ ଗାଁ ଆମ୍ବ ପସରା -୨୦୨୬ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ଏହା ଗତ ତା. ୨୨/୦୫/୨୦୨୬ ରିଖରେ ଆରମ୍ଭ ହୋଇଛି । ଆଗାମୀ ତା. ୧୫/୦୬/୨୦୨୬ ରିଖ ପର୍ଯ୍ୟନ୍ତ ଏହା ଖୋଲା ରହିବ । ଉପ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଓରମାସ ଶ୍ରୀଯୁକ୍ତ ଶାନ୍ତନୁ ବାନାର୍ଜୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଖୁବ୍ ଭଲରେ ସମ୍ପାଦନ ହେଉଛି । ଓଡିଶାର ଗ୍ରାମୀଣ ଚାଷୀ ମାନଙ୍କୁ ଉପଯୁକ୍ତ ବଜାର ସୁବିଧା ଯୋଗାଇବା ଦିଗରେ ଗାଁ ଆମ୍ବ ପସରା ଏକ ଉଲ୍ଲେଖନୀୟ ପଦକ୍ଷେପ। ଏଥିରେ ବାଲେଶ୍ୱର ଜିଲ୍ଲା ସମେତ ବିଭିନ୍ନ ଜିଲ୍ଲା ରୁ ଅଣାଯାଇଥିବା ସୁନ୍ଦରୀ, ଦଶେରୀ, ଲେଙ୍ଗଡ଼ା, ଗୋପାଳ ଭୋଗ, ରାଜ ଭୋଗ, ଆମରପଲ୍ଲୀ ଓ ବାଇଗଣ ପଲ୍ଲେଇ ଭଳି ବିଭିନ୍ନ ପ୍ରଜାତି ଅନୁଯାୟୀ କିଲୋଗ୍ରାମ ପିଛା ୬୦ ଟଙ୍କାରୁ ୧୦୦ ଟଙ୍କା ମଧ୍ୟରେ ମୂଲ୍ୟ ଧାର୍ଯ୍ୟ କରାଯାଇଛି। ବାଲେଶ୍ୱର ଜୀବିକା ପ୍ରଡୁସର କମ୍ପାନୀ ଲିମିଟେଡ଼ ଏବଂ ନୀଳଗିରି କୃଷକ ଉତ୍ପାଦକ କମ୍ପାନୀ ଲିମିଟେଡ଼ ର ସହଯୋଗ ରେ ଏହି ଆମ୍ବ ପସରା ପରିଚାଳିତ ହେଉଅଛି ।

### ବୟାଳିଶମୌଜାରେ ଓଡ଼ିଶା ଜନତା କଂଗ୍ରେସର ଶକ୍ତି ପ୍ରଦର୍ଶନ

# ଯୁବଶକ୍ତିକୁ ଆଧାର କରି ବିକାଶର ନୂଆ ରୋଡମ୍ୟାପ୍ ଦେଲେ ମୋକିମ

**ଫୁଲନଖରା, ୩୧।୫ :** ବୟାଳିଶମୌଜା ଅଞ୍ଚଳର କଳପତାସ୍ଥିତ ପଞ୍ଚାୟତ କଲ୍ୟାଣ ମଣ୍ଡପରେ ଓଡ଼ିଶା ଜନତା କଂଗ୍ରେସ (ଓଜେସି) ପକ୍ଷରୁ ବୟାଳିଶମୌଜା ସ୍ତରୀୟ ପ୍ରଥମ ସାଧାରଣ ସଭା ଓ କର୍ମୀ ସମ୍ମିଳନୀ ଉତ୍ସାହ ଓ ଉଦ୍ଦୀପନାର ସହ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସଂଗଠକ ଦୀପକ ପରିଡାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ଦଳର ଶୀର୍ଷ ନେତୃତ୍ୱଙ୍କ ସହ ବୟାଳିଶମୌଜା ଅଞ୍ଚଳର ବହୁ ସଂଖ୍ୟକ କର୍ମୀ, ସମର୍ଥକ ଏବଂ ସାଧାରଣ ଜନତା ଯୋଗଦେଇଥିଲେ। ସଭାରେ ଦଳର ପ୍ରତିଷ୍ଠାତା ତଥା ରାଜ୍ୟ ସଭାପତି ଇଂ. ମହମ୍ମଦ ମୋକିମ, ନାରୀନେତ୍ରୀ ଗିରିବାଳା ବେହେରା, ଯୁବନେତା ଅନୀଲ ବେହେରା, ଜମାନ ଖାନ, ଅଭୟ କୁମାର ମହାପାତ୍ରଙ୍କ ସମେତ ଅଞ୍ଚଳର ବହୁ ବିଶିଷ୍ଟ ନେତୃବୃନ୍ଦ ମଞ୍ଚାସୀନ ହୋଇ ଦଳର ନୀତି, ଆଦର୍ଶ ଓ ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋକପାତ କରିଥିଲେ। ନିଜ




ଅଭିଭାଷଣରେ ଇଂ. ମହମ୍ମଦ ମୋକିମ କହିଥିଲେ ଯେ, ଓଡ଼ିଶା ଜନତା କଂଗ୍ରେସ ହେଉଛି ଓଡ଼ିଆଙ୍କ ସ୍ୱାଭିମାନ, ଅସ୍ମିତା ଓ ଅଧିକାରର ଦଳ। ରାଜ୍ୟର ଯୁବଶକ୍ତିଙ୍କୁ ନେତୃତ୍ୱରେ ସାମିଲ କରି ଓଡ଼ିଶାକୁ ଏକ ବିକଶିତ ଓ ସମୃଦ୍ଧ ରାଜ୍ୟରେ ପରିଣତ କରିବା ଦଳର ମୁଖ୍ୟ ଲକ୍ଷ୍ୟ ବୋଲି ସେ ପ୍ରକାଶ କରିଥିଲେ। ସେ ଆହୁରି କହିଥିଲେ ଯେ, ବୟାଳିଶମୌଜା ଅଞ୍ଚଳର ଉନ୍ନତି ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକ ନବେ ଦଶକରେ ଯେଉଁ ଦୂରଦୃଷ୍ଟିମୂଳକ ପଦକ୍ଷେପ ନେଇ ପ୍ରଥମ ସେତୁ ନିର୍ମାଣ କରିଥିଲେ, ତାହା ପରବର୍ତ୍ତୀ ସମୟରେ ଆଶାନୁରୂପ ଗତିରେ ଆଗକୁ ବଢ଼ିପାରିନାହିଁ। ଅଞ୍ଚଳରେ ଶିଳ୍ପ, ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ଯାତାୟାତ ଏବଂ କୃଷିଭିତ୍ତିକ ଭିତ୍ତିଭୂମିର ଆହୁରି ବିକାଶ ଆବଶ୍ୟକ ବୋଲି ସେ ମତ ପ୍ରକାଶ କରିଥିଲେ। ବର୍ତ୍ତମାନ ସରକାରଙ୍କ ବିଭିନ୍ନ ମାଗଣା ଯୋଜନା ଉପରେ ସମାଲୋଚନା କରି ମୋକିମ କହିଥିଲେ ଯେ, କେବଳ ମାଗଣା ସୁବିଧା ପ୍ରଦାନ ନୁହେଁ, ବରଂ ସ୍ଥାୟୀ ରୋଜଗାର, ଶିକ୍ଷାର ଉନ୍ନତି ଏବଂ ଯୁବପିଢ଼ିଙ୍କ ପାଇଁ ସୁଯୋଗ ସୃଷ୍ଟି ହିଁ ପ୍ରକୃତ ବିକାଶର ମାପକାଠି ହେବା ଉଚିତ୍। ଏହି ଦୃଷ୍ଟିକୋଣକୁ ନେଇ ଓଡ଼ିଶା ଜନତା କଂଗ୍ରେସ ଏକ ବିକଳ୍ପ ରାଜନୈତିକ ଶକ୍ତି ଭାବେ ଲୋକଙ୍କ ସାମ୍ନାକୁ ଆସିଛି ବୋଲି ସେ କହିଥିଲେ। ସଂଗଠନ ସୁଦୃଢ଼ୀକରଣ ଉପରେ ଗୁରୁତ୍ୱାରୋପ କରି ସେ ପ୍ରତ୍ୟେକ ୱାର୍ଡ, ଗ୍ରାମ ଏବଂ ପଞ୍ଚାୟତ ସ୍ତରରେ ଦଳୀୟ ସଂଗଠନକୁ ଆହୁରି ମଜବୁତ କରାଯିବ ବୋଲି ଘୋଷଣା କରିଥିଲେ। ଏହା ସହିତ ଯୁବକ, ମହିଳା ଏବଂ ବୁଦ୍ଧିଜୀବୀ ବର୍ଗଙ୍କୁ ଦଳରେ ଅଧିକ ସଂଖ୍ୟାରେ ସାମିଲ କରାଯିବା ପାଇଁ ବ୍ୟାପକ ଅଭିଯାନ ଆରମ୍ଭ କରାଯିବ ବୋଲି ସେ କହିଥିଲେ। ସଭାରେ ଉପସ୍ଥିତ ଅନ୍ୟାନ୍ୟ ନେତାମାନେ ମଧ୍ୟ ଦଳର ଆଭିମୁଖ୍ୟ, ସଂଗଠନ ବିସ୍ତାର ଓ ଜନସାଧାରଣଙ୍କ ସମସ୍ୟା ସମାଧାନ ଦିଗରେ ଦଳର ଭୂମିକା ଉପରେ ମତ ରଖିଥିଲେ। ବିଶେଷ କରି ଯୁବପିଢ଼ିଙ୍କୁ ରାଜନୀତିରେ ସକ୍ରିୟ ଭାବେ ଅଂଶଗ୍ରହଣ କରିବାକୁ ଆହ୍ୱାନ ଦିଆଯାଇଥିଲା। ପ୍ରଥମ ସାଧାରଣ ସଭାରେ ହୋଇଥିବା ବ୍ୟାପକ ଜନସମାଗମ ଓ କର୍ମୀମାନଙ୍କ ଉତ୍ସାହକୁ ଦେଖି ବୟାଳିଶମୌଜା ଅଞ୍ଚଳରେ ଓଡ଼ିଶା ଜନତା କଂଗ୍ରେସ ଏକ ସମ୍ଭାବନାମୟ ବିକଳ୍ପ ରାଜନୈତିକ ଶକ୍ତି ଭାବେ ଉଭା ହେଉଥିବା ନେଇ ସାଧାରଣ ମହଲରେ ଚର୍ଚ୍ଚା ଜୋର ଧରିଛି। ଆଗାମୀ ଦିନରେ ଦଳର ସଂଗଠନାତ୍ମକ କାର୍ଯ୍ୟକଳାପ ଓ ଜନସମ୍ପର୍କ ଅଭିଯାନ ଏହି ଅଞ୍ଚଳର ରାଜନୈତିକ ସମୀକରଣ ଉପରେ କେତେ ପ୍ରଭାବ ପକାଇବ, ତାହା ଉପରେ ସମସ୍ତଙ୍କ ନଜର ରହିଛି।

# ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଭାବେ ଆସୁଛନ୍ତି ପରେଶ କୁମାର ରାଉତ

**ବାଲେଶ୍ୱର, ୩୧।୫ :** ରାଜ୍ୟ ପୋଲିସ ବିଭାଗର ସମ୍ପ୍ରତିକ ବଦଳି ପ୍ରକ୍ରିୟା ଅନୁସାରେ ଅଭିଜ୍ଞ ପୋଲିସ ଅଧିକାରୀ ପରେଶ କୁମାର ରାଉତଙ୍କୁ ବାଲେଶ୍ୱର ଜିଲ୍ଲାର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ (ଇୟୟସତ୍ପସକ୍ଟଭବକ୍ଷ ୯ଚ) ଭାବେ ନିଯୁକ୍ତ କରାଯାଇଛି। ସେ ଖୁବ ଶୀଘ୍ର ନିଜର ନୂତନ ଦାୟିତ୍ୱ ଗ୍ରହଣ କରିବେ ବୋଲି ଜଣାପଡ଼ିଛି। ପରେଶ କୁମାର ରାଉତ ପୂର୍ବରୁ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ଥାନା ଏବଂ ପ୍ରଶାସନିକ ପଦବୀରେ କାର୍ଯ୍ୟ କରିଥିବାରୁ ଜିଲ୍ଲାର ଆଇନ-ଶୃଙ୍ଖଳା ପରିସ୍ଥିତି, ଅପରାଧ ନିୟନ୍ତ୍ରଣ ବ୍ୟବସ୍ଥା ଓ ସ୍ଥାନୀୟ ଜନସାଧାରଣଙ୍କ ସମସ୍ୟା ସମ୍ପର୍କରେ ତାଙ୍କର ଯଥେଷ୍ଟ ଅଭିଜ୍ଞତା ରହିଛି। ଜଣେ ଦକ୍ଷ ଓ କର୍ତ୍ତବ୍ୟନିଷ୍ଠ ଅଧିକାରୀ ଭାବେ ପୋଲିସ ବିଭାଗରେ ତାଙ୍କର ସ୍ୱତନ୍ତ୍ର ପରିଚୟ ରହିଛି। ତାଙ୍କ ନିଯୁକ୍ତି ଫଳରେ ବାଲେଶ୍ୱର ଜିଲ୍ଲାରେ ଆଇନ-ଶୃଙ୍ଖଳା ବ୍ୟବସ୍ଥା ଆହୁରି ସୁଦୃଢ଼ ହେବା ସହ ଅପରାଧ ନିୟନ୍ତ୍ରଣ, ଟ୍ରାଫିକ୍ ପରିଚାଳନା ଓ ଜନସାଧାରଣଙ୍କ ସୁରକ୍ଷା କ୍ଷେତ୍ରରେ ସକାରାତ୍ମକ ପ୍ରଭାବ ପଡ଼ିବ ବୋଲି ଜିଲ୍ଲାବାସୀଙ୍କ ମଧ୍ୟରେ ଆଶା ପ୍ରକାଶ ପାଇଛି।



# ଚିନ୍ଦ୍ରା ପୋଖରୀକୁ ନୂଆ ଜୀବନ ଦେଲେ ସରପଞ୍ଚ ଓ ଲିଜଧାରି

**ହାଟଡିହି, ୩୧।୫ :** ଚିନ୍ଦ୍ରା ପୋଖରୀ ସଫା କଲେ ଲିଜଧାରି ଓ ସରପଞ୍ଚ। କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ବଞ୍ଚୋ ପଞ୍ଚାୟତ ରେ ଥିବା ଚିନ୍ଦ୍ରା ପୋଖରୀ କୁ ସରପଞ୍ଚ ଓ ଲିଜ୍ ଧାରି ସଫା କରି ନୂଆ ଜୀବନ ଦେଇଛନ୍ତି। ଯାହାକୁ ସ୍ଥାନୀୟ ଲୋକେ ପ୍ରଶଂସା କରିଛନ୍ତି। ଏହି ପୋଖରୀ ଉପରେ ବଞ୍ଚୋ ଓ ଅକରୁଆ ପଞ୍ଚାୟତ ର ଲୋକେ ନିର୍ଭର କରିଥାନ୍ତି। ବର୍ଷ ତମାମ ଏହି ପୋଖରୀରେ ପାଣି ରହିଥାଏ। ଫଳରେ ଶତାଧିକ ଲୋକ ସ୍ନାନ କରିଥାନ୍ତି। ହେଲେ ବହୁ ଦିନ ହେଲା ଉକ୍ତ ପୋଖରୀକୁ ସଫା କରାଯାଇ ନଥିଲା। ଫଳରେ ପୋଖରୀ ଟି ସମ୍ପୂର୍ଣ୍ଣ ପଦ୍ମନାଡ ରେ ଭର୍ତ୍ତି ହୋଇରହିଥିଲା। ଲିଜଧାରି ଏହି ପୋଖରୀରେ ମାଛ ଚାଷ କରି ନପାରି ବହୁ କ୍ଷତି ସହିବାକୁ ପଡୁଥିଲା। ଯେଉଁମାନେ ଏହି ପୋଖରୀରେ ଗାଧୋଉଥିଲେ ସେମାନଙ୍କୁ କାଛୁ କୁଣ୍ଡିଆ ଭଳି ଚର୍ମ ରୋଗରେ ଆକ୍ରାନ୍ତ ହେଉଥିଲେ। ଏନେଇ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନଥିବା ବେଳେ ସରପଞ୍ଚ ଓ ଲିଜ ଧାରି ଙ୍କ ସହଯୋଗ ରେ ସଫା କରି ଚିନ୍ଦ୍ରା ପୋଖରୀ କୁ ଏକ ନୂତନ ଜୀବନ ଦେଇଛନ୍ତି।



# ଟ୍ରେନ୍ ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ

**ବାଲେଶ୍ୱର, ୩୧।୫ :** ବାଲେଶ୍ୱର ରେଳ ଷ୍ଟେସନ୍ ନିକଟରେ ଏକ ମାଲବାହୀ ଟ୍ରେନ୍ ଧକ୍କାରେ ଜଣେ ବୃଦ୍ଧଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ବାଲେଶ୍ୱର ସହର ଗୋପାଳଗାଁ ଅଞ୍ଚଳର ଗୌରାଙ୍ଗ ଚନ୍ଦ୍ର ନାୟକ (୬୫)। ବାଲେଶ୍ୱର ଜିଆରପି ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଶନିବାର ଅପରାହ୍ନ ପ୍ରାୟ ୩ଟା ସମୟରେ ସହଦେବଖୁଣ୍ଟା ଓଭରବ୍ରିଜ୍ ତଳେ ରେଳ ଲାଇନ୍ ଅତିକ୍ରମ କରୁଥିବାବେଳେ ଏକ ମାଲବାହୀ ଟ୍ରେନ୍ ଗୌରାଙ୍ଗଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ବାଲେଶ୍ୱର ଷ୍ଟେସନ୍ ମାଷ୍ଟରଙ୍କ ରିପୋର୍ଟ ଆଧାରରେ ଜିଆରପି ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲା। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହର ପଞ୍ଚନାମା କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି।



# ବେଣ୍ଟକାରରେ ମେଧାର ମହାକୁମ୍ଭ, କୃତୀ ବିଦ୍ୟାର୍ଥୀଙ୍କୁ ସମ୍ମାନ

## ଶିକ୍ଷା କ୍ଷେତ୍ରରେ ସଫଳତା ପାଇଁ ପ୍ରଧାନ ଆଚାର୍ଯ୍ୟ ମନୋରଞ୍ଜନ ଶତପଥୀ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ

**ଫୁଲନଖରା, ୩୧।୫:** ଅଗ୍ରଣୀ ସାମାଜିକ ସଂଗଠନ ପ୍ରତିଭା ବିକାଶ ପ୍ରତିଷ୍ଠାନ, କଟକ ସଦର ପକ୍ଷରୁ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିବା ଉଦ୍ଦେଶ୍ୟରେ ଏକ ବର୍ଣ୍ଣାଢ୍ୟ ସମ୍ବର୍ଦ୍ଧନା ଉତ୍ସବ ବୟାଳିଶମୌଜା ଅନ୍ତର୍ଗତ ବେଣ୍ଟକାରସ୍ଥିତ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷା କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପ୍ରୋତ୍ସାହନ ଦେବା ସହ ଉଚ୍ଚ ଶିକ୍ଷା ପାଇଁ ପ୍ରେରିତ କରିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ଥିଲା। ଉତ୍ସବରେ ବୟାଳିଶମୌଜା ଅଞ୍ଚଳର ବିଭିନ୍ନ ବିଦ୍ୟାଳୟର ୪୦ରୁ ଅଧିକ ମେଧାବୀ ବିଦ୍ୟାର୍ଥୀଙ୍କୁ 'ବଟକୃଷ୍ଣ ମେମୋରିଆଲ



ମେଧା ପ୍ରତିଭା ସମ୍ମାନ-୨୦୨୬' ପ୍ରଦାନ କରାଯାଇଥିଲା। ଏହା ସହିତ ଚଳିତ ବର୍ଷ ବୟାଳିଶମୌଜା ସ୍ତରରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ରଛାତ୍ରୀ ସରସ୍ୱତୀ ଶିଶୁ ମନ୍ଦିର, ବେଣ୍ଟକାରରୁ ଉତ୍ତୀର୍ଣ୍ଣ ହୋଇଥିବାରୁ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ତଥା ବିଶିଷ୍ଟ ଶିକ୍ଷାବିତ୍ ମନୋରଞ୍ଜନ ଶତପଥୀଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା। ପ୍ରତିଷ୍ଠାନର ସଭାପତି ତଥା ବଟକୃଷ୍ଣ ମେମୋରିଆଲ ଟ୍ରଷ୍ଟର ଆବାହକ ବରିଷ୍ଠ ସମାଜସେବୀ ଇଂ. ଅଶୋକ କୁମାର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଓଡ଼ିଶା ମାନବାଧିକାର କମିଶନର ସଦସ୍ୟ ଅସୀମ ଅମିତାଭ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିକ୍ଷାର ମହତ୍ତ୍ୱ ଓ ଯୁବପିଢ଼ିର ଦାୟିତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ, ଆଜିର ମେଧାବୀ ଛାତ୍ରଛାତ୍ରୀମାନେ ଆସନ୍ତାକାଲିର ଦେଶ ଓ ସମାଜ ଗଠନର ମୁଖ୍ୟ କର୍ଣ୍ଣଧାର ହେବେ। ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିବା ହୋପ୍ ଫାଉଣ୍ଡେସନର ଅଧ୍ୟକ୍ଷ ତଥା ମନସ୍ତତ୍ତ୍ୱବିତ୍ ସମ୍ବିତ୍ ନନ୍ଦ ଛାତ୍ରଛାତ୍ରୀଙ୍କୁ ଲକ୍ଷ୍ୟ ସ୍ଥିର ରଖି ଅଧ୍ୟବସାୟ, ଆତ୍ମବିଶ୍ୱାସ ଓ ନୈତିକତା ସହ ଆଗକୁ ବଢ଼ିବାକୁ ଆହ୍ୱାନ ଦେଇଥିଲେ। ସେ କହିଥିଲେ ଯେ, ସଫଳତା କେବଳ ଉଚ୍ଚ ନମ୍ବରରେ ସୀମିତ ନୁହେଁ, ବରଂ ଉତ୍ତମ ମଣିଷ ହେବାରେ ତାହାର ପ୍ରକୃତ ସାର୍ଥକତା ରହିଛି। ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରିବା ଏବଂ ଶିକ୍ଷା କ୍ଷେତ୍ରରେ ଉତ୍ସାହ ବୃଦ୍ଧି କରିବା ଦିଗରେ ଏହି କାର୍ଯ୍ୟକ୍ରମ ଅଞ୍ଚଳରେ ବେଶ୍ ପ୍ରଶଂସା ସାଉଁଟିଛି।

### ଚକ୍ ଓ ବ୍ଲାକବୋର୍ଡ ସହ ସମ୍ପର୍କର ଇତି

# ୯ ଶିକ୍ଷକଙ୍କୁ ଅବସର ସମ୍ବର୍ଦ୍ଧନା

## ସମୟାନୁବର୍ତ୍ତିତା ଓ କର୍ତ୍ତବ୍ୟନିଷ୍ଠାର ବାର୍ତ୍ତା ଦେଲେ ଅବସର ଶିକ୍ଷକ

**ବୌଦ୍ଧ, ୩୧।୫ :** ବୌଦ୍ଧ ଜିଲ୍ଲା ହରେକୃଷ୍ଣ ପୁର କ୍ଲଷ୍ଟର୍ ଅନ୍ତର୍ଗତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନୂଆପଡ଼ା ପରିସରରେ ସିଆରସିସି ନୀଳାଚଳ ବିହାରୀ ମିଶ୍ର ଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବ ରେ ଆଠ ଜଣ ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ ଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ରାମ୍ପିକଟା ର ସଚ୍ଚିଦାନନ୍ଦ ପ୍ରଧାନ, ପୂର୍ଣ୍ଣ ।ନନ୍ଦ ବାରିକ, ରମେଶ କୁମାର ରାଉଳ,ସାମ୍ପୋଚ ର ରଜନୀକାନ୍ତ ପ୍ରଧାନ, ବିଷ୍ଣୁପୁର ର ଉମେଶ ଚନ୍ଦ୍ର ନାୟକ,ବରଝୁଲି ର ଆର୍ତ୍ତିକ ପାତ୍ର, ନୂଆପଡ଼ା ର ମକରନ୍ଦ ସାହୁ, ହରେକୃଷ୍ଣପୁର ର ନିରୁପମା ଦେବୀ ଙ୍କୁ ସମ୍ବର୍ଦ୍ଧନା ପତ୍ର ସହ ଉତ୍ତରୀୟ, ଫୁଲଗଛ, ଉପହାର ସହ ଶୁଭ ନାରିକେଳ ଅର୍ପଣ କରି ସମ୍ବର୍ଦ୍ଧିତ କରାଯାଇଥିଲା। ସମସ୍ତ ସମ୍ବର୍ଦ୍ଧିତ ବ୍ୟକ୍ତି ବିଶେଷ ନିଜ ନିଜ ଜୀବନର ଅନୁଭୂତି କହିବା ସହ ଉପସ୍ଥିତ ଶିକ୍ଷକ ଶିକ୍ଷୟିତ୍ରୀ ଙ୍କୁ ସମୟାନୁବର୍ତ୍ତି, କର୍ତ୍ତବ୍ୟ ନିଷ୍ଠ ହୋଇ ଛାତ୍ର ଛାତ୍ରୀ ଙ୍କ ପାଇଁ କାମକଲେ ସଫଳ ଶିକ୍ଷକ ହୋଇପାରିବେ ବୋଲି ମତବ୍ୟକ୍ତ କରିଥିଲେ। ବିଭିନ୍ନ ବିଦ୍ୟାଳୟରୁ ତ୍ରିଲୋଚନ ପାତ୍ର, ନିରଞ୍ଜନ ଜେନା, ଦାଶରଥି ବେହେରା, ବିଜୟ କୁମାର ଦେହୁରୀ, ଶ୍ରୀଧର କହଁର, ବିଜ୍ଞାନ ପ୍ରଧାନ,ଅଧସ୍ମିତା ଭୋକ୍ତା, ବଂଶୀଧର ପାଢ଼ୀ, ପ୍ରମୁଖ ସମ୍ବର୍ଦ୍ଧିତ ପ୍ରତିଭା ମାନଙ୍କ ଉଦ୍ଦେଶ୍ୟରେ ଅଭିଭାଷଣ ପ୍ରଦାନ କରିଥିଲେ। ସମ୍ପୋଚ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ର ବରିଷ୍ଠ ଶିକ୍ଷକ ବିଜୟ କୁମାର ସାହୁ କାର୍ଯ୍ୟକ୍ରମର ସଂଯୋଜନା କରିଥିବା ସହ ଅତିଥି ପରିଚୟ କରିଥିଲାବେଳେ ପ୍ରଫୁଲ୍ଲ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।



Printed, Published, edited and owned by Ipsita Pati, Published from Plot no.214/A, Sahid Nagar, Bhubaneswar, Pin - 751007, Odisha and Printed at Ray Publications, Plot No-17, Rajarani Lewis Road, Bhubaneswar, Pin - 751014, Khurda, Odisha
Mob : +91 9692701007, 9438119777 I Email : pratishabda7@gmail.com I Website : www.pratishabda.com

Editor : Ipsita Pati
Executive Editor : Satyajit Mohapatra
Managing Editor : Jitendra Ku. Pati